# ରଜ ପାଇଁ ସବୁଠି ପ୍ରସ୍ତୁତି ଜୋରଦାର

- ରହିବ ରଜ ପାଗ, ବର୍ଷା ସମ୍ଭାବନା
- ମିଠା ପାନ, ଦୋଳି ଓ ପିଠାପଣାରେ ମହକିବ






ବାଲେଶ୍ୱର, ୧୧।୬(ସମିସ):

'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଲୋ... ଘେନି ନୂଆ ସଜବାଜ'। ରଜ ଆସିଲେ ଏପରି ରଜଗୀତ ସମସ୍ତଙ୍କ ମୁହଁରେ ଶୁଣିବାକୁ ମିଳେ। ଏବର୍ଷ ଜୁନ୍ ୧୪ରୁ ୧୬ ପର୍ଯ୍ୟନ୍ତ ଏଥର ରଜ ଉତ୍ସବ ପାଳନ ହେବ। ଏ ନେଇ ବାଲେଶ୍ୱର ସହରରେ ପ୍ରସ୍ତୁତି ଓ ଝିଅମାନଙ୍କର କିଣାକିଣି ମଧ୍ୟ ଆରମ୍ଭ ହୋଇଯାଇଛି। ହେଲେ ସବୁଠୁ ଦୁଃଖର ବିଷୟ ହେଉଛି ଏଯାଏଁ ମୌସୁମୀ ଓଡ଼ିଶା ଛୁଇଁ ନାହିଁ। ବଙ୍ଗ ଗରମ ଗୁଳୁଗୁଳିରେ କଟୁଛି ଜୀବନ। ଅସ୍ତବ୍ୟସ୍ତ ଜନଜୀବନ। ଅସରାଏ ବର୍ଷା ପରେ ଆରମ୍ଭ ହେବ ରଜ ପାଗ। ଏଥର ରଜ ପାଗ ରହିବ କି ନାହିଁ ଦ୍ୱନ୍ଦ। ଆସନ୍ତା ୪/୫ ଦିନ ଭିତରେ ମୌସୁମୀ ଆସିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ତେବେ ମୌସୁମୀ ପ୍ରବେଶ ପୂର୍ବରୁ ପ୍ରଚଣ୍ଡ ଗରମ ହୋଇଥାଏ। ଯାହା ବର୍ତ୍ତମାନ ଅନୁଭୂତ ହେଉଛି। ମାତ୍ର ଏବର୍ଷ ଏ ସମୟରେ ଅଧିକ ଗରମ ହେଉଛି। ତେବେ ରଜ ବେଳେ ପାଗ ଅନୁକୂଳ ରହିବ ଏବଂ ବର୍ଷା ମଧ୍ୟ ହେବ ବୋଲି ବାଲେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ରଜ ତିନିଦିନ ଧରି ପାଳନ କରାଯାଇଥାଏ। ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ତେବେ ବାଲେଶ୍ୱର ସହରର ବିଭିନ୍ନ ସ୍ଥାନ ତଥା ସଂଗଠନ ପକ୍ଷରୁ ରଜ ପର୍ବ ପାଳନ କରାଯାଏ। ଗାଁ ଗହଳି ପରି ସହରର ଘରେ ଘରେ ମଧ୍ୟ ଦୋଳି ଦେଖିବାକୁ ମିଳେ। ସେହିପରି ପ୍ରତିବର୍ଷ ପାନ୍ଥନିବାସ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପାଳନ ହୁଏ ରଜ ପର୍ବ।

ଚାନ୍ଦିପୁର ପାନ୍ଥନିବାସ: ତିନି ଦିନ ମିଠା ପାନ ଓ ପିଠାର ସ୍ୱତନ୍ତ୍ର ଷ୍ଟଲ୍ ପାନ୍ଥନିବାସରେ ପ୍ରତିବର୍ଷ ପାଳିତ ହୁଏ ରଜ ପର୍ବ। ଏଥର ମଧ୍ୟ ରଜ ପର୍ବ ପାଳନ ପାଇଁ ପ୍ରସ୍ତୁତି ଚାଲିଛି। ରଜ ପାଇଁ ସ୍ୱତନ୍ତ୍ର ସଜେଇ ଥିବା ଦୋଳି ସହିତ ପିଠା ଷ୍ଟଲ୍‌ର ବ୍ୟବସ୍ଥା କରାଯିବ। ଯେଉଁଠି ପୋଡ଼ ପିଠାଠୁ ଆରମ୍ଭ କରି ଆରିସା, କାକରା, ମଣ୍ଡା ଆଦି ବିଭିନ୍ନ ପିଠା ଉପଲବ୍ଧ ହେବ। ଏହି ଅବସରରେ ଚାନ୍ଦିପୁରକୁ ଆସୁଥିବା ପର୍ଯ୍ୟଟକମାନେ ପାନ୍ଥନିବାସରେ ଦୋଳିର ମଜା ନେବା ସହ ପିଠା ମଧ୍ୟ କିଣିଥାନ୍ତି। ଗାଁ ର ଘରେ ଘରେ ଯେମିତି ରଜ ସମୟରେ ମିଠା, ପିଠା ଓ ପାନରେ ମହକେ ସେମିତି ପାନ୍ଥନିବାସରେ ମଧ୍ୟ ପିଠା, ପାନ ଆସରରେ ଜମେ। ନିକଟରେ ସମୁଦ୍ର ସହ ଦୋଳିର ମଜା ନିଅନ୍ତି ସମସ୍ତେ ବୋଲି ପାନ୍ଥନିବାସ ମ୍ୟାନେଜର ଅରୁଣ ଜେନା ସୂଚନା ଦେଇଛନ୍ତି।

ଫକୀରମୋହନ ବିଶ୍ୱବିଦ୍ୟାଳୟ: ୧୩ରେ କବିତା ପାଠ ସହ ପୋଡ଼ ପିଠା, ଦୋଳି ଖେଳ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ... ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପ୍ରତିବର୍ଷ ପରି ଏଥର ମଧ୍ୟ ପାଳିତ ହେବ ରଜ ପର୍ବ। ଏଥର ଜୁନ୍ ୧୩ରେ ହେବ ରଜ ପର୍ବ ପାଳନ। ଦୀର୍ଘ ତିନି ବର୍ଷ ଧରି ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏହି ରଜ ପର୍ବ ପାଳିତ ହେଉଛି। ଏଥର ତୃତୀୟ ବର୍ଷ ପାଳନ ହେବ। ରଜ ଅବସରରେ କବିତା ପାଠ ସହ ପୋଡ଼ ପିଠା, ଦୋଳି ଖେଳ ଏବଂ ଆହୁରି ଅନେକ କାର୍ଯ୍ୟକ୍ରମ ହେବାର ଯୋଜନା ରହିଛି ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି। ଓଡିଆ ପରମ୍ପରାକୁ ରକ୍ଷା କରିବା ସହ ରଜକୁ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ଭିତରେ ଫେରେଇ ଆଣିବା ଉଦ୍ଦେଶ୍ୟରେ ଆମେ ବିଶ୍ୱବିଦ୍ୟାଳୟରେ ରଜ ପାଳନ କରୁଛୁ। ଏଥିସହ ରଜର ମୁଖ୍ୟ ଆକର୍ଷଣ ହେଉଛି ବନ୍ଧୁମିଳନ। ତେଣୁ ଏହି ରଜ ପାଳନରେ ଛାତ୍ରଛାତ୍ରୀ, କର୍ମଚାରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଏକାଠି ହୁଅନ୍ତି। ଏହି ସମୟରେ ସମସ୍ତଙ୍କ ମନ ମିଳନ ହେବା ଆବଶ୍ୟକ। ସେହି ଉଦ୍ଦେଶ୍ୟରେ ଆମର ରଜ ପର୍ବ ପାଳନ ହୁଏ। ଦୋଳି ଖେଳଠୁ ଆରମ୍ଭ କରି ପିଠାପଣାରେ ମହକେ ଆମ ବିଶ୍?ବିଦ୍ୟାଳୟ। ଏଥର ମଧ୍ୟ ଏହିପରି ଯୋଜନା ରହିଛି ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଛନ୍ତି।

ପାନ ବିନା ରଜ ଅଧା: 'ପାନଖିଆ ରସିକ ପାଟି, ଖୋଜି ବୁଲୁଥିଲା ରାଜାଙ୍କ ହାତୀ, ଡାଳି ଦେଇଗଲା ଶିରରେ, ରାଜା ହୋଇଗଲା ରଜରେ'। ରଜ ପାନକୁ ନେଇ ଏପରି ଢଗ ରହିଛି। ରଜରେ ପୋଡ଼ ପିଠା ସହ ପାନ ଖିଆ ମଧ୍ୟ ଏକ ପରମ୍ପରା। ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା। ପ୍ରୀତିର ବନ୍ଧନ ହେଉଛି ପାନ। ରଜ ସହିତ ପାନ ଯୋଡ଼ି ହେବା ପଛରେ କଥା ଅଛି, ଏହା ବନ୍ଧୁତାର ଡୋରିକୁ ସୁଦୃଢ କରିବ। ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବା ନବା କରିଥାନ୍ତି। ଆୟୁର୍ବେଦ ଶାସ୍ତ୍ର ଅନୁସାରେ, ପାନ ଜୀର୍ଣ୍ଣକାରକ ଏବଂ କୃମିନାଶକ। ରଜପାନର ମହକ ସାରାବର୍ଷର ପାନକୁ ବଳିଯାଏ। ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ଚାଉଳ ଓ ନଡିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ ଜାଫ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ। ଏହାକୁ ବିଭିନ୍ନ ଢଙ୍ଗରେ ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ। ସାଧାରଣ ଦିନର ପାନଠାରୁ ରଜପାନର ସ୍ୱାଦ ସ୍ୱତନ୍ତ୍ର। ରଜ ଆସିଲେ ବଜାରରେ ମଧ୍ୟ ପାନର ଦର ବଢ଼ିଯାଏ। ତେବେ ଏହି ସମୟରେ ଅନେକ ରଜ ପାନ ବିକ୍ରି କରନ୍ତି। ରଜ ସମୟରେ ଏହା ଏକ ବ୍ୟବସାୟ ହୋଇଯାଏ। ବିଭିନ୍ନ ପ୍ରକାର ମସଲା ଦେଇ ଏହି ରଜ ପାନ ପ୍ରସ୍ତୁତ ହୋଇଥାଏ। ଅନେକ ଏହି ରଜ ପାନକୁ ନିଜ ବନ୍ଧୁ ତଥା ସମ୍ପର୍କୀୟଙ୍କୁ ପ୍ରଦାନ କରନ୍ତି।

## ଲୋକଙ୍କ ସମସ୍ୟା ବୁଝିଲେ ନୂତନ ବିଧାୟକ



କମର୍ଦ୍ଦା, ୧୧।୬(ସମିସ): ଭୋଗରାଇ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନବନିର୍ବାଚିତ ବିଧାୟକ ଗୌତମବୁଦ୍ଧ ଦାସ ନିଜ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନ ବୁଲିଥିଲେ। ଲୋକଙ୍କୁ ଭେଟିବା ସହିତ ସମସ୍ୟା ବୁଝିଥିଲେ। କମର୍ଦ୍ଦାସ୍ଥିତ ଜଗନ୍ନାଥ ମନ୍ଦିର, ବାରଦେଉଳୀକୁ ଯାଇ ସମସ୍ୟା ବୁଝିଥିଲେ।ଏହାପରେ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଡା.ମାନିକରତନ ପ୍ରଧାନଙ୍କୁ ଭେଟିଥିଲେ। ରୋଗୀଙ୍କ ଭିଡ଼ ପ୍ରବଳ ହୋଇଥିଲାବେଳେ ୨ ଜଣ ଡାକ୍ତରଙ୍କୁ ଜଳେଶ୍ୱର ଡେପୁଟେସନରେ ନିଆଯିବା ବିଷୟରେ ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ହେମନ୍ତ ବେହେରା, ୩୨ନଂ ଜୋନର ଜିଲ୍ଲାପରିଷଦ କବିତା ମହାନ୍ତି, ଦେବଲ କୁମାର ମିଶ୍ର, କମର୍ଦ୍ଦା ସରପଞ୍ଚ ଉମାକାନ୍ତ ପ୍ରଧାନ, ପୁଲିନ କୁମାର ପରିଡ଼ା, ବିଜୟ କୁମାର ଦାସ, ନିରଞ୍ଜନ ଭୂୟାଁ, ନରେନ୍ଦ୍ର ନାଥ ସିଂହ ସହିତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପାଣି ନିଷ୍କାସନକୁ ନେଇ ଗୋଷ୍ଠୀ ବିବାଦ



ଚୌକି, ୧୧।୬ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ କୁମ୍ଭାରମୁଳି ପଞ୍ଚାୟତ ଚୌକି ଗ୍ରାମରେ ପାଣି ନିଷ୍କାସନକୁ ନେଇ ଗୋଷ୍ଠୀ ବିବାଦ ଉପୁଜିଥିବା ଜଣାପଡ଼ିଛି। ଶେଷରେ ପ୍ରଶାସନର ହସ୍ତକ୍ଷେପ ଫଳରେ ବିବାଦର ସମାଧାନ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଏହି ଗ୍ରାମରେ ରହୁଥିବା ଏକ ପରିବାରଙ୍କ ସ୍ଥାନରେ ନିଷ୍କାସନ ହୋଇପାରୁ ନ ଥିବା କାରଣରୁ ପାଣି ଜମିରହୁଥିଲା। ଫଳରେ ସମ୍ପୃକ୍ତ ପରିବାର ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେଣୁ ଶେଷରେ ବାଧ ହୋଇ ସେହି ଗୋଷ୍ଠୀର ଲୋକେ ଚୌକିରୁ କୁମ୍ଭାରମୁଳିକୁ ଯାଇଥିବା ରାସ୍ତାକୁ କାଟି ନିଜ ବାଡିରୁ ପାଣି ନିଷ୍କାସନ କରାଇଥିଲେ। ମାତ୍ର ଦୀର୍ଘ ଦିନ ଧରି ରାସ୍ତା ଟି କଟା ଯାଇଥିବାରୁ ସେହି ରାସ୍ତା ଦେଇ ବାରବାଟିଆ ପଞ୍ଚାୟତ, ଉଚ୍ଚ ବିଦ୍ୟାଳୟ, ଚନ୍ଦନେଶ୍ୱର ମହାବିଦ୍ୟାଳୟକୁ ଏବଂ କୁମ୍ଭାରମୁଳୀ ପଞ୍ଚାୟତକୁ ଯାଉଥିବା ହଜାର ହଜାର ଲୋକେ ଦୁର୍ଦ୍ଦଶା ଭୋଗୁଥିଲେ। ଏହି କାରଣରୁ ଗ୍ରାମର ଆଉ ଏକ ଗୋଷ୍ଠୀର ଲୋକେ ଆଜି ସେହି ରାସ୍ତାରେ ବାଲି ପକେଇ ସମତଳ କରିଥିଲେ। ମାତ୍ର ସେହି ସମତଳ ହୋଇଥିବା ରାସ୍ତାକୁ କାଟି ଥିବା ଅପର ଗୋଷ୍ଠୀର ଲୋକେ ପୁଣି ରାସ୍ତାକୁ କାଟିଦେବାରୁ ଉଭୟଙ୍କ ମଧ୍ୟରେ ଗୋଷ୍ଠୀ ବିବାଦ ହୋଇଥିଲା। ପରେ ରାସ୍ତାରେ ବାଲି ପକେଇ ଥିବା ଗୋଷ୍ଠୀର ଲୋକେ ରାସ୍ତା ମଝିରେ ବସି ବିକ୍ଷୋଭ କରିଥିଲେ। ଖବର ପାଇ କୁମ୍ଭାରମୁଳି ସରପଞ୍ଚ, ଭୋଗରାଇ ଥାନା ପୁଲିସ ଓ ଭୋଗରାଇ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀର ଲୋକଙ୍କୁ ବୁଝାସୁଝା କରି ସମାଧାନ କରିଥିବା ଜଣା ପଡ଼ିଛି। ତୁରନ୍ତ ପାଣି ନିଷ୍କାସନ ର ବ୍ୟବସ୍ଥା କରାଯିବା ସହ ଲୋକେ ଏହି ରାସ୍ତା ଦେଇ କିଭଳି ସୁରୁଖୁରୁରେ ଯାତାୟାତ କରିପାରିବେ ସେ ନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ମହିଳା ନିଖୋଜ ଅଭିଯୋଗ

ଚୌକି, ୧୧।୬(ସମିସ): ଭୋଗରାଇ ବ୍ଲକ ମାଟିଖଣା ଗ୍ରାମର ଜୈନିକ ମହିଳା ନିଖୋଜ ହେବା ନେଇ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଭୋଗରାଇ ପୁଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ ସେହି ଗ୍ରାମର ହରେକୃଷ୍ଣ ଦତ୍ତଙ୍କ ସ୍ତ୍ରୀ ପଲ୍ଲବୀ ଦତ୍ତ ଘର ପାଖରୁ ଟିଉସନ କରିବାକୁ ଯାଇଥିବା ବେଳେ ଦୀର୍ଘ ସମୟ ପରେ ସେ ଘରକୁ ନ ଫେରିବାରୁ ସ୍ୱାମୀ ଫୋନ କରିଥିଲେ ମଧ୍ୟ ଫୋନ ବନ୍ଦ ରହିଥିଲା। ପରେ ଖୋଜାଖୋଜି କରି ନପାଇବାରୁ ଭୋଗରାଇ ଥାନାରେ ଲିଖିତ ଅଭିଯୋଗ କରି ସ୍ତ୍ରୀଙ୍କୁ ଖୋଜି ଆଣିଦେବାକୁ ସ୍ୱାମୀ ପୁଲିସକୁ ଆକୁଳ ନିବେଦନ କରିଛନ୍ତି।

## ବସ୍‌ରେ ପ୍ରବଳ ଭିଡ଼, ରୋଗୀ ହନ୍ତସନ୍ତ

ଚନ୍ଦନେଶ୍ୱର, ୧୧।୬(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇରୁ ଦୂରଦୂରାନ୍ତକୁ ଯାତାୟାତ କରିବା ପାଇଁ ଟ୍ରେନ କି ସରକାରୀ ବସ୍ ଚଳାଚଳର ସୁବିଧା ନାହିଁ। ଯଦିବା ଦୂରଗାମୀ ବେସରକାରୀ ବସ୍ ଚଳାଚଳ ସୁବିଧା ଅଛି କିନ୍ତୁ ଅଧିକ ଭଡା ତଥା ପ୍ରବଳ ଭିଡ ପାଇଁ ଭୋଗରାଇରୁ କଟକ କିମ୍ବା ଭୁବନେଶ୍ୱର ଅଭିମୁଖେ ବାହାରିଥିବା ରୋଗୀ ହନ୍ତସନ୍ତ। ଓଡ଼ିଶାରେ ବିଜେପିର ସରକାର ଗଠନ ପାଇଁ ଶପଥ ଗ୍ରହଣ ଉତ୍ସବ ସମାରୋହରେ ଯୋଗଦେବା ପାଇଁ ସମସ୍ତ ବେସରକାରୀ ବସ୍ ଭର୍ତ୍ତି ଓ କିଛି ଲୋକ ମଧ୍ୟ ଯାଇ ନ ପାରି ବା ସହିତ ରୋଗୀ ଡାକ୍ତର ଦେଖାଇବାକୁ ଯାଇ ନପାରି ପଶ୍ଚିମବଙ୍ଗ ପଟେ ଥିବା ଦୀଘାରେ ଟ୍ରେନକୁ ଅପେକ୍ଷା କରିବା ଓ ବସ୍ ପାଇଁ ପଶ୍ଚିମ ବଙ୍ଗର କଣ୍ଟାଇ ଯାଇ ଅପେକ୍ଷା କରିଥିବାର ସୂଚନା ମିଳିଛି। ତେବେ ନିର୍ବାଚନ ପୂର୍ବରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଭୋଗରାଇର କମର୍ଦ୍ଦା ଠାରେ ଚନ୍ଦନେଶ୍ୱର - ଜଳେଶ୍ୱର ରେଳ ଚଳାଚଳ ପାଇଁ ଦେଇ ଥିବା ପ୍ରତିଶୃତି କେବେ ପୂରଣ ହେଉଛି ଭୋଗରାଇ ବାସୀଙ୍କ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

## ସାନ୍ତାଳୀ ଭାଷା ଅଲଚିକି ପରୀକ୍ଷା

ରାଜଘାଟ, ୧୧।୬ (ସମିସ) : ବସ୍ତା ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଗତ ପାଟପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୮ ତାରିଖ ଠାରୁ ବାରିପଦା ସାନ୍ତାଳି ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ସାନ୍ତାଳି ଭାଷା ଅଲଚିକି ପରୀକ୍ଷା ମଙ୍ଗଳବାର ସମାପିତ ହୋଇଛି। ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ କିସ୍କୁ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ୍ ଦାୟିତ୍ୱ ତୁଲାଇଥିଲେ। 'ଗୁରୁଦଲାନ ଅଲ ଇତୁନ ଆଶ୍ଲା' ବଧିମୁହଁର ଅନେକ ଆଦିବାସୀ ତଥା ଅଣ ଆଦିବାସୀ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେଇଥିଲେ। ଏକାଡେମୀର ଚେୟାରମ୍ୟାନ୍ ସୁନାରାମ ସୋରେନ ଓ ଗୁଲାରାମ କିସ୍କୁ ସୋମବାର ପରୀକ୍ଷା କେନ୍ଦ୍ର ପରିଦର୍ଶନରେ ଆସି ପରୀକ୍ଷାର୍ଥୀଙ୍କୁ ଅନୁଧ୍ୟାନ କରିଥିଲେ।୨୦୨୩ ମସିହାର ଦେଇଥିବା ପରୀକ୍ଷାର୍ଥୀ ମାନଙ୍କୁ ତାଙ୍କର କୃତୀ ପ୍ରମାଣପତ୍ର ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଗୁରୁଦଲାନ ଅଲ ଇତୁନ ଆଶ୍ଲା ବଧିମୁହଁର ପ୍ରଧାନ ଶିକ୍ଷକ ସମରାୟ ବାସ୍କେ, ଶିକ୍ଷକ କାହ୍ନୁ ହେମ୍ବ୍ରମ୍, ସୁରେନ୍ଦ୍ର ନାଥ ମାର୍ଣ୍ଡିଙ୍କ ସମେତ ପାଟପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ପରିଚାଳନା ସହଯୋଗ କରିଥିଲେ।



ରାଜାବଗିଚା ରାଧାକୃଷ୍ଣ ମନ୍ଦିରରେ ଶୀତଳଷଷ୍ଠୀ ଉପଲକ୍ଷେ ଶିବ ପାର୍ବତୀ ବିବାହ




## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ

ରାଜଘାଟ, ୧୧।୬ (ସମିସ) : ବସ୍ତା ଥାନା ଅନ୍ତର୍ଗତ ଆମ୍ବକୁଡୁଚି ଗ୍ରାମରେ ବିଦ୍ୟୁତ ସର୍ଟ୍‌ସର୍କିଟରୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଛି। ଆଜି ଅପରାହ୍ଣରେ ଗ୍ରାମର ଅନନ୍ତ ବାରିକଙ୍କର ଘର ଛାତରୁ ଓହଳି ଥିବା ଫ୍ୟାନର ବିଦ୍ୟୁତ କନେକ୍ସନରେ ପ୍ରଥମେ ସର୍ଟ୍‌ସର୍କିଟ ଘଟି ନିଆଁ ଲାଗିଥିଲା। ଏହି ନିଆଁ ଛାତରୁ ବନ୍ଧା ଯାଇଥିବା ଦୋଳିକୁ ସଞ୍ଚରିତ ହୋଇଥିଲା। ପରେ ଦୋଳିର ନିଆଁ ଝୁଲ କାନ୍ଥ ପାର୍ଶ୍ୱରେ ରଖାଯାଇଥିବା ବାଇକ ଉପରେ ଖସିପଡ଼ିବାରୁ ଚାହୁଁଚାହୁଁ ଗାଡ଼ିଟି ପୋଡ଼ି ପାଉଁଶ ହୋଇଯିବା ସହିତ ଗାଡ଼ି ପାର୍ଶ୍ୱରେ ଥିବା ବଡ଼ ବାକ୍ସ ଉପରେ ଥିବା କିଛି ଲୁଗାପଟା ଓ ଅନ୍ୟାନ୍ୟ ଆସବାବପତ୍ର ମଧ୍ୟ ପୋଡ଼ି ପକାଇଥିଲା। ପରିବାର ଲୋକେ ଏବଂ ପଡ଼ୋଶୀ ସଙ୍ଗେ ସଙ୍ଗେ ଅଗ୍ନିଶମ ବାହିନୀକୁ ଖବର ଦେବା ସହ ପାଣି ଛାଟି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଆୟତ୍ତ ହୋଇଯାଇଥିବା ଜାଣି ଦମକଳ ବାହିନୀ ଆଉ ଆସିନଥିଲେ। ବାଇକ ପୋଡ଼ି ସମ୍ପର୍କରେ ଅନନ୍ତ ବୀମା କମ୍ପାନୀର କର୍ମକର୍ତ୍ତାଙ୍କୁ ଜଣାଇଥିବା କହିଛନ୍ତି। ତେବେ ଏହି ଅଗ୍ନିକାଣ୍ଡରେ ପାଖାପାଖି ଲକ୍ଷେରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଥିବା ଅନୁମାନ କରାଯାଇଛି।

## ଶିବ ପାର୍ବତୀ ବିବାହ ଉତ୍ସବ

ଔପଦା, ୧୧।୬ (ସମିସ) : ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକର ବଡ଼ପୋଖରୀ ଗ୍ରାମପଞ୍ଚାୟତରେ ଥିବା ଜୟ ନାରାୟଣପୁର ଶାସନର ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ପ୍ରାଙ୍ଗଣରେ ଶୀତଳ ଷଷ୍ଠୀ ଅବସରରେ ହରପାର୍ବତୀ ବିବାହ ଉତ୍ସବ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଆଜକୁ ଆଠବର୍ଷ ହେଲା ଏହା ପାଳନ ହୋଇ ଆସୁଛି। ତତ୍କାଳୀନ ଉଦ୍ୟୋକ୍ତା ଆଦର୍ଶ ଶିକ୍ଷକ ସ୍ୱର୍ଗତ ଗଣେଶ ଚନ୍ଦ୍ର ପଣ୍ଡାଙ୍କ ଦେହାନ୍ତ ପରେ ତାଙ୍କର ସହ ଧର୍ମିଣୀ କବୟିତ୍ରୀ ସୁକାନ୍ତି ପଣ୍ଡା, ପୁତ୍ର ହିମାଂଶୁ ପଣ୍ଡା, ସୁଧାଂଶୁ ପଣ୍ଡା ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ଉତ୍ସବକୁ ଖୁବ୍ ଧୁମ୍ ଧାମରେ ପାଳନ କରାଯାଇଛି। ସକାଳ ୯ ଘଟିକାରେ ଘଟ ଉତ୍ତୋଳନ ସାଙ୍ଗକୁ ସାତ ଜଣ ପଣ୍ଡିତଙ୍କ ସହାୟତାରେ ଯଥାବିଧି ନାମ ଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା। ପରେ ପରେ ମଧ୍ୟାହ୍ନରେ ଆନନ୍ଦ ବଜାରରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ।






# ଶୀତଳ ଷଷ୍ଠୀ ହରଗୌରୀଙ୍କ ବିବାହ ସମ୍ପନ୍ନ





ବାଲେଶ୍ୱର, ୧୧।୬(ସମିସ):

ଶୀତଳ ଷଷ୍ଠୀ ଅବସରରେ ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ାସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠରେ ହରଗୌରୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରତର ବିଭିନ୍ନ ଭାଗରେ ଏହି ଶିବବିବାହ ଉତ୍ସବ ପାଳିତ ହେଉଥିବା ବେଳେ ଇତିହାସ ଅନୁସାରେ ଓଡ଼ିଶାରେ ପ୍ରାୟତଃ ୪ଶହ ବର୍ଷ ପୂର୍ବରୁ ସମ୍ବଲପୁରର ଚୌହାନ ରାଜବଂଶର ଶାସନ କାଳରେ ରାଜା ଅଜିତ ସିଂହ ଏହି ଶୀତଳ ଷଷ୍ଠୀ ଯାତ୍ରା ପ୍ରଥମେ ଶୁଭାରମ୍ଭ କରିଥିଲେ। ବିଶେଷ କରି ଜାତିଆଣ ଭେଦଭାବ ଦୂର କରିବା, ଭାଇଚାରା ସୃଷ୍ଟି କରିବା, ଧନୀଦରିଦ୍ରଙ୍କ ମଧ୍ୟରେ ଦୂରତାକୁ କମ୍ କରିବା ପ୍ରଭୃତି ଲକ୍ଷ୍ୟ ନେଇ ଶିବ-ପାର୍ବତୀଙ୍କ ବିବାହ ଉତ୍ସବ ଓ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ କରାଯାଇଥିଲା। ଶିବ ପୁରାଣ ଅନୁଯାୟୀ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଅନୁଷ୍ଠିତ ହୋଇଥାଏ। କିମ୍ବଦନ୍ତୀ କହେ ଦୈତ୍ୟରାଜ ତାରକାସୁରର ଅତ୍ୟାଚାରରୁ ବ୍ରହ୍ମାଣ୍ଡକୁ ରକ୍ଷା କରିବାକୁ ଯାଇ ଭଗବାନ ବିଷ୍ଣୁ ଏହି ବିବାହ ଉତ୍ସବ ରଚନା କରିଥିଲେ। ଯଦିଚ ତାରକାସୁର ଶିବପୁତ୍ରଙ୍କ ହାତରେ ପ୍ରାଣ ହରାଇବାର ବରପ୍ରାପ୍ତ ହୋଇଥିଲେ ତେବେ ଶକ୍ତିଙ୍କ ମୃତ୍ୟୁପରେ ମହାଦେବ ବ୍ରହ୍ମାଣ୍ଡ ଛାଡ଼ି ଧ୍ୟାନମୁଦ୍ରାରେ ଅବସ୍ଥାନ କରୁଥିଲେ। ଭଗବାନ ବିଷ୍ଣୁ ବିଶ୍ୱର କଲ୍ୟାଣ ନିମନ୍ତେ ଶିବଙ୍କ ସନ୍ତାନ ପ୍ରାପ୍ତି ପାଇଁ ପାର୍ବତୀ ରୂପରେ ମହାଦେବଙ୍କୁ ବିବାହ କରିବା ଲାଗି ଶକ୍ତିଙ୍କୁ ପ୍ରବର୍ତ୍ତାଇ ଥିଲେ। ଏହି ପରିପ୍ରେକ୍ଷୀରେ ଶକ୍ତି ହିମାଳୟଙ୍କ ପୁତ୍ରୀ ପାର୍ବତୀ ରୂପରେ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ମହାଦେବଙ୍କୁ ବିବାହ କରିଥିଲେ। ବିବାହ ପରେ ଶିବପାର୍ବତୀଙ୍କ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ ଯାତ୍ରାକୁ ଶୀଳତଷଷ୍ଠୀ ଯାତ୍ରା ଭାବେ ପାଳିତ ହୋଇ ଆସୁଛି। ଏହି ଅବସରରେ ବାଲେଶ୍ୱର ସହର ଉପକଣ୍ଠ କୁରୁଡ଼ାସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତିପୀଠରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପୀଠ ଅଧିଷ୍ଠାତ୍ରୀ ଶକ୍ତି ସ୍ୱରୂପିଣୀ ମାଆ ବଗଳାମୁଖୀ କନ୍ୟା ଓ ବର ଭାବେ ପୀଠର ରକ୍ଷକ ବାବା ବିଶ୍ୱନାଥଙ୍କର ବିବାହ ସମ୍ପନ୍ନ ହୋଇଥିଲା। ଅର୍ଣ୍ଣା ସାହୁ ଓ ଦୀପ୍ତିକାନ୍ତ ସାହୁ କନ୍ୟାକର୍ତ୍ତା ଏବଂ ତନୁଜା ରଣା ଓ ରାମଚନ୍ଦ୍ର ରଣା ବରକର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ସମ୍ପୂର୍ଣ୍ଣ ଓଡ଼ିଆ ପରମ୍ପରା ତଥା ବୈଦିକ ରୀତିରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିବାହ କର୍ମକାଣ୍ଡ ପୂର୍ବରୁ ବାବା ବିଶ୍ୱନାଥଙ୍କର ସମସ୍ତ ନିତିପୂଜା ସହ ଦିବସବ୍ୟାପୀ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ବାବାଙ୍କ ଚଳନ୍ତି ପ୍ରତିମା ବିଗ୍ରହ ହରଙ୍କୁ ବରବେଶରେ ଏବଂ ମାଆ ବଗଳାମୁଖୀଙ୍କ ଚଳନ୍ତି ପ୍ରତିମାକୁ ଗୌରୀଙ୍କୁ କନ୍ୟା ବେଶରେ ସଜ୍ଜିତ କରାଯାଇ ବିବାହ ମଣ୍ଡପକୁ ଅଣାଯାଇଥିଲା। ଭଜନ କୀର୍ତ୍ତନ ବାଦ୍ୟ ଓ ରୋଷଣି କରାଯାଇ ଉଭୟ ବରକନ୍ୟାଙ୍କୁ ମନ୍ଦିର ବେଢ଼ା ପରିକ୍ରମା ସହ ଯଜ୍ଞବେଦୀକୁ ନିଆଯାଇ ସେଠାରେ ବରଧରା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ବ୍ରାହ୍ମଣଙ୍କ ବେଦପାଠ ଓ ଜ୍ୟୋତିଷଙ୍କ ପଞ୍ଜିକା ନିର୍ଘଂଟ ଅନୁସାରେ ଉଭୟ ବରକନ୍ୟାଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଯାଇଥିଲା। ସେଠାରେ କନ୍ୟାମାତା ଅର୍ଣ୍ଣା ସାହୁ ଓ ବରମାତା ତନୁଜା ରଣା କନକାଞ୍ଜୁଳି ବାନ୍ଧିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଓଡ଼ିଆ ରୀତିନୀତି ଅନୁସାରେ ୭ଜଣ ସଧବା ବିବାହ ବେଦୀରେ ବରକନ୍ୟାଙ୍କୁ ବନ୍ଦନା କରିଥିଲେ। ଏହା ପରେ ଯଜ୍ଞାନୁଷ୍ଠାନ ସହ ବରକନ୍ୟାଙ୍କର ହାତଗଣ୍ଠି ପଡ଼ିଥିଲା। ଶହଶହ ଶ୍ରଦ୍ଧାଳୁଙ୍କ ଉପସ୍ଥିତି ତଥା ମହିଳାଙ୍କ ଶଙ୍ଖ ହୁଳୁହୁଳି ଶବ୍ଦରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା। ମହାସିଦ୍ଧ ପୀଠର ପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମସ୍ତ କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ଉପାଚାର୍ଯ୍ୟ ଆଦିତ୍ୟ ନାରାୟଣ ମିଶ୍ର ଏହି ଆଧ୍ୟାତ୍ମିକ କାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଆୟୋଜିତ ଦେବବିବାହ ଭୋଜିରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

## ଆଲୁମନି କଳାକ୍ଷେତ୍ର ପକ୍ଷରୁ 'ସ୍ମୃତିରେ ତୁମେ ମନୀଷା'



ବାଲେଶ୍ୱର, ୧୧।୬(ସମିସ): ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ 'ସ୍ମୃତିରେ ତମେ ମନୀଷା' ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଆଲୁମନି କଳାକ୍ଷେତ୍ର ପକ୍ଷରୁ ପାଳିତ ହୋଇଯାଇଛି। ଏହି ସ୍ମୃତି ସଭାରେ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ, ମହାବିଦ୍ୟାଳୟ ଅଧ୍ୟାପକ ଅଜିତ୍ କୁମାର ଜେନା, ଅଧ୍ୟାପକ ସଙ୍ଗୀତ ସାମନ୍ତରାୟ, ଅଧ୍ୟାପକ ଦୈତାରୀ ବେହେରା, ଆଲୁମିନି ପୂର୍ବତନ ସମ୍ପାଦକ ପ୍ରଦୀପ୍ତ କିଶୋର ଦାସ ଉପସ୍ଥିତ ରହି ମନୀଷାଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଲୁମିନିର ସଦସ୍ୟ ଆର୍ଯ୍ୟପ୍ରଜ୍ଞା ବାସବଦତ୍ତା, ତୃପ୍ତିମୟୀ ପରିଚାଳନା କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ, ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଅଯୋଧ୍ୟାରେ ସଫଳତା ପାଇଲେ ବବିତା

ବାଲେଶ୍ୱର, ୧୧।୬ (ସମିସ): ଉତ୍ତର ପ୍ରଦେଶର ଅଯୋଧ୍ୟାରେ ଡ. ଭୀମରାଓ ଆମ୍ବେଦକର ଇଣ୍ଟରନ୍ୟାସନାଲ ସ୍ପୋର୍ଟସ ଷ୍ଟାଡିୟମରେ ଦୁଇ ଦିନ ଧରି ଭାରତୀ ମାଷ୍ଟର୍ସ ଆଥଲେଟିକସ୍ ଆସୋସିଏସନ୍ ପକ୍ଷରୁ ପ୍ରଥମ ଇଣ୍ଟରନ୍ୟାସନାଲ ମାଷ୍ଟରସ୍ ଆଥଲେଟିକସ୍ ଚାମ୍ପିଅନସିପ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନସିପରେ ବାଲେଶ୍ୱରର କ୍ରୀଡାବିତ ବବିତା ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଲଙ୍ଗ୍ ଜମ୍ପ, ୫୦୦୦ ମିଟର ଓ୍ୱାକ୍ ଏବଂ ୩୦୦ ମିଟର ହଡଲର୍ସରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ସ୍ୱର୍ଣ୍ଣ ପଦକ ସହ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ତେବେ ଏହି ସଫଳତା ପାଇଁ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ବବିତାଙ୍କୁ ରିୱାର୍ଡ ପ୍ରଦାନ କରିଛନ୍ତି। ଏଥିସହିତ ଡିଜିଙ୍କୁ ଭେଟିବାକୁ ଚିଠି ଲେଖିବେ ବୋଲି କହିଛନ୍ତି। ବିଭିନ୍ନ ମହଲରୁ ବବିତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ପ୍ରକାଶ ଥାଉ କି, ବବିତା ୧୯୯୭ ମସିହାରେ ପୁଲିସ ବିଭାଗର ଜଣେ କନେଷ୍ଟବଳ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ବବିତା ସଦର କୋର୍ଟରେ କାର୍ଯ୍ୟରତ ଅଛନ୍ତି। ଚାକିରି ସହିତ ନିଜର କ୍ରୀଡା ଜୀବନକୁ ଆଗେଇ ନେଇଛନ୍ତି ବବିତା। ଏଥିପାଇଁ ଅନେକ ପଦକ ଓ ସାର୍ଟିଫିକେଟ ହାସଲ କରିଛନ୍ତି। ନିକଟରେ ଶ୍ରୀଲଙ୍କାରେ ଖେଳି ୩ ଟି ବିଭାଗରୁ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।



## ସତ୍ୟନଗରରେ ହର ପାର୍ବତୀ ବିବାହ

ବାଲେଶ୍ୱର, ୧୧।୬(ସମିସ): ସ୍ଥାନୀୟ କରଞ୍ଜିଆ ପଞ୍ଚାୟତ ଅଧୀନ ସତ୍ୟନଗର ଗ୍ରାମରେ ପଞ୍ଚମୁଖୀ ସତେଶ୍ୱର ମହାଦେବଙ୍କ ସହ ମାତା ଆଦ୍ୟାଶକ୍ତିଙ୍କର ବିବାହ ପାଳିତ ହୋଇଯାଇଛି। ଉକ୍ତ ଗ୍ରାମରେ ପଞ୍ଚମୁଖୀ ସତେଶ୍ୱର ମହାଦେବ ମନ୍ଦିରର ଗତ ୨୦୦୮ ମସିହାଠାରୁ ପ୍ରତିଷ୍ଠା ହୋଇ ପୂଜା ପାଉଥିବା ସମୟରେ ମନ୍ଦିର କମିଟିର ପ୍ରସ୍ତାବ କ୍ରମେ ଉକ୍ତ ହର ପାର୍ବତୀ ବିବାହ ଗତ ୨୦୦୦ମସିହାଠାରୁ ଅନୁଷ୍ଠିତ ହୋଇ ଆସୁଛି। ପଞ୍ଚମୁଖୀ ସତେଶ୍ୱର ମହାଦେବଙ୍କ ପକ୍ଷରୁ ପ୍ରଭାତ କୁମାର ଦାସ ଓ ପରିବାରର ଅଂଶ ଗ୍ରହଣ କରୁଥିବା ସମୟରେ ମା' ଆଦ୍ୟାଶକ୍ତିଙ୍କ ପକ୍ଷରୁ ମାନସୀ ସେ ଓ ପରିବାର ବର୍ଗ ଅଂଶ ଗ୍ରହଣ କରିଛନ୍ତି। ଉକ୍ତ ବିଭାଘରରେ କମିଟିର ସଭାପତି ପ୍ରଶାନ୍ତ କୁମାର ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବଳ, ଉପସଭାପତି ନାରାୟଣ ଚନ୍ଦ୍ର ସାହୁ, ରାଜକିଶୋର ବେହେରା, ନରହରି ମହାନ୍ତି, ସମ୍ପାଦକ ପ୍ରଭାତ କୁମାର ଦାସ, ସହ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି, କୋଷାଧ୍ୟକ୍ଷ ଜୟଦେବ ପ୍ରଧାନଙ୍କ ସମେତ ବହୁ ସଦସ୍ୟ ବିରଞ୍ଚି ପାଣି, ମନୋରମା ଦାସ, ସସ୍ମିତା ଦଳେଇ ପ୍ରମିଳା ବଳ, ସୁଧାଂଶୁ ଶେଖର ଜେନା, କାହ୍ନୁଚରଣ ପାତ୍ର, ପ୍ରଦୀପ କୁମାର ପ୍ରଧାନ, ନିର୍ମଳ କୁମାର ନାୟକ, ମନରଞ୍ଜନ ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ସମୟରେ ମନ୍ଦିର ପ୍ରାଙ୍ଗଣରେ ନବ କୃଷ୍ଣ ମହାରଣା ଓ ତାଙ୍କ ଗ୍ରୁପ ଦ୍ୱାରା ଭଜନ ପରିବେଷଣ ହୋଇଥିଲା।


ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଆବିର୍ଭାବ: ୧୦.୦୮.୧୯୨୮



ତିରୋଧାନ: ୨୫.୦୫.୨୦୨୩

ଽନାରାୟଣ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୁ-ଅଂଶୁ ତ୍ରିପାଠୀ,
ନାତିନାତୁଣୀ- ସୂର୍ଯ୍ୟକାନ୍ତ ଓ ଅଙ୍କିତା
ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ
C/1290, 1st Floor, CDA, Sector-VI, Cuttack-753014

ସୌଜନ୍ୟ-
30 YEARS Celebrating P&A | PIXCELADS | hp Minerals | MO Fashion | WEALTHVITA IMF PRIVATE LIMITED


### ସହରରେ ବୃଦ୍ଧି ପାଉଛି ଡ୍ରଗ୍ସ ନିଶାଡ଼ୀଙ୍କ ଉତ୍ପାତ

# ନୂତନ ପରିସ୍ରାଗାରର କବାଟ ତାଡ଼ିନେଲେ

ବାଲେଶ୍ୱର, ୧୧।୬(ସମିସ):



● ରାତିରେ ପୁଲିସ ପାଟ୍ରୋଲିଂ ଜୋରଦାର କରିବାକୁ ଦାବି

ବାଲେଶ୍ୱର ସହରରେ ଡ୍ରଗ୍ସ ସେବନକାରୀ ନିଶାଡୀ ମାନଙ୍କର ଉତ୍ପାତ ସମ୍ପ୍ରତି ବଢ଼ିବାରେ ଲାଗିଛି। ପୌରପାଳିକା ପକ୍ଷରୁ ନିର୍ମାଣ ହୋଇଥିବା ପରିସ୍ରାଗାରର କବାଟ ତାଡି କାଢି ନେଇଗଲେ ନିଶାଡୀ ମାନେ। ସେମାନଙ୍କ ଭୟରେ ସ୍ଥାନୀୟ ଲୋକମାନେ ଚୁପ ରହୁଛନ୍ତି। ରାତିରେପୁଲିସପାଟ୍ରୋଲିଂକୁଜୋରଦାରକରିବା ପାଇଁ ସହରବାସୀଙ୍କ ପକ୍ଷରୁ ଦାବି ହେଉଛି। ବାଲେଶ୍ୱର ପୌରପାଳିକାର ୨୯ନମ୍ବର ୱାର୍ଡ ଗୋପାଳଗାଁ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ଯୋଜନାରେ ଦୁଇ ଲକ୍ଷ ଚଉରାନବେ ହଜାର ଆଠଶହ ସତର ଟଙ୍କା ବ୍ୟୟରେ ଗତ ୨୦୨୩ ମସିହାରେ ଏକ ସର୍ବସାଧାରଣ ପରିସ୍ରାଗାର ନିର୍ମାଣ କରାଯାଇଥିଲା। ଏହା ଲୋକାର୍ପିତ ହୋଇନଥିଲା। ତେବେ ଗତ ରବିବାର ବିଳମ୍ବିତ ରାତିରେ ନିଶାଡୀମାନେ ପରିସ୍ରାଗାର କବାଟ ବା ଦରଜାକୁ ତାଡି ନେଇଯାଇ ଥିବାବେଳେ ପରିସ୍ରାଗାର ଭିତରେ ଲାଗିଥିବା ବିଦ୍ୟୁତ ବଲ୍‌ବ ଗୁଡିକୁ ମଧ୍ୟ ଚୋରାଇ ନେଇଯାଇଥିବା ସ୍ଥାନୀୟ ଲୋକଙ୍କ ଅଭିଯୋଗରୁ ଜାଣିବାକୁ ମିଳିଛି। ବାଲେଶ୍ୱର ସହର ଓ ସହରର ଆଖପାଖ ଅଞ୍ଚଳରେ ପୁଣି ଡ୍ରଗ୍ସ ସେବନକାରୀ ଯୁବକ ମାନଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ପୂର୍ବରୁ ଏହି ଡ୍ରଗ୍ସ ନିଶାଡୀମାନେ ମୋବାଇଲ ଓ ଅଳଙ୍କାର ଲୁଟୁ ଥିଲେ। ମାତ୍ର ଏବେ କିଛି ଡ୍ରଗ୍ସ ନିଶାଡୀମାନେ ଲୋକଙ୍କ ନିର୍ମାଣାଧୀନ ବିଲ୍ଡିଂରେ ବାହାରି ଥିବା ଲୁହା ରଡ କାଟି ନେଇ ଯାଉଛନ୍ତି। ଘର ନିର୍ମାଣ କାର୍ଯ୍ୟ ଜାରି ରହିବାବେଳେ କେହି ବ୍ୟକ୍ତି ନିଜ ବାଡ଼ିରେ ଇଟା ଓ ରଡ ଗଚ୍ଛିତ ରଖିବାକୁ ଭୟ କରୁଛନ୍ତି। କାରଣ ରାତ୍ରିଚର ସାଜିଥିବା ଡ୍ରଗ୍ସ ନିଶାଡୀମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ବାଡ଼ିରେ ଗଚ୍ଛିତ ଥିବା ଇଟା ଓ ରଡକୁ ଚୋରାଇ ନେଇ ଯାଉଥିବା ଅଭିଯୋଗ ହେଉଛି। ଗତ କିଛିଦିନ ତଳେ ସହରକୁ ସଂଲଗ୍ନ କରିଥିବା ରେମୁଣା ବ୍ଲକ ହରିପୁର ପଞ୍ଚାୟତ ବେଗୁନିଆ ଅଞ୍ଚଳରେ ଏହିଭଳି ଏକ ଘଟଣା ଘଟିଥିଲା। ଜଣେ ନିଶାଡୀ ରାତିରେ ସମ୍ପୃକ୍ତ ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ବାଡ଼ିରେ ରହିଥିବା ରଡ ଚୋରାଇ ନେଇଯାଇଥିଲା। ସିସି ଟିଭି କ୍ୟାମେରା ଜରିଆରେ ରଡ ଚୋରାଇ ନେଇଥିବା ନିଶାଡୀଙ୍କୁ ଦିନରେ ଧରିଥିଲେ ଘର ମାଲିକ। ନିଶାଡୀ ଜଣେ ଶିକ୍ଷିତ ଭଦ୍ର ପରିବାରର ଯୁବକ ଥିଲେ। ରଡ ଚୋରାଇ ନେଇ କବାଡ଼ିଆ ଦୋକାନରେ ବିକ୍ରି କରିଥିବାର ମାନିଥିଲେ। ଗିରଫ ଭୟରେ ନିଶାଡୀ ଜଣକ ଘର ମାଲିକଙ୍କ ଇଟା ବୋହି ଆଣିବା କାର୍ଯ୍ୟ କରି ତାଙ୍କୁ ସନ୍ତୁଷ୍ଟ କରିଥିଲେ। ତେବେ ଉଲ୍ଲେଖଯୋଗ୍ୟଯେ ଗୋପାଳଗାଁ ପଟ୍ଟୁ ଡୋମିନ ପିଜା ରେଷ୍ଟୋରାଁ ବାଟ ଦେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଡକୁ ମିଲ ବାଡ଼ି ଦେଇ ଯାଇଥିବା ରାସ୍ତା ନିକାଞ୍ଚନ ଓ ଅନ୍ଧାରୁଆ। ଅନ୍ଧକାରର ସୁଯୋଗ ନେଇ ଡ୍ରଗ୍ସ ନିଶାଡୀମାନେ ବାଇକ ଚାଳକ ଓ ପଥଚାରୀମାନଙ୍କ ଠାରୁ ମୋବାଇଲ ଓ ମନି ପର୍ସ ପ୍ରଭୃତି ଲୁଟ କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ଦୋକାନୀ ମାନେ ମଧ୍ୟ ନିଶାଡି ମାନଙ୍କ ଭୟରେ ମୁହଁ ଖୋଲୁ ନାହାନ୍ତି। ରାତିରେ ପୋଲିସର ମୋବାଇଲ ଭ୍ୟାନ ଏହି ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରିବାକୁ ଗୋପାଳଗାଁ ଅଞ୍ଚଳର ଅଧିବାସୀ ରତ୍ନାକର ଜେନା, ଅନୁପ ଚାଟାର୍ଜୀ ପ୍ରମୁଖ ଦାବି କରିଛନ୍ତି। ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ଜଣେ ଦକ୍ଷ ପୋଲିସ ଅଧିକାରୀ ହୋଇଥିବା ବେଳେ ଟାଉନ ଥାନା ଅନ୍ତର୍ଗତ ଏହି ସମ୍ବେଦନଶୀଳ ଓ ଅପରାଧପ୍ରବଣ ଅଞ୍ଚଳ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଦାବି ହୋଇଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପରିସ୍ରାଗାରରୁ କବାଟ ଚୋରି ହେଇଥିବା ସମ୍ପର୍କରେ ପୌରପାଳିକା ପକ୍ଷରୁ ଥାନାରେ କୌଣସି ଲିଖିତ ଅଭିଯୋଗ କରାଯାଇନାହିଁ।

# ଚନ୍ଦନେଶ୍ୱରଠୁ ରୁପ୍ସା ଜଙ୍କସନ୍ ରେଳପଥ ନିର୍ମାଣ ଦାବି

ଭୋଗରାଇ, ୧୧।୬ (ସମିସ) :

ଦକ୍ଷିଣ-ପୂର୍ବ ରେଳବାଇ ଅଧୀନ ତଥା ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବହୁ ପ୍ରତିକ୍ଷୀତ ଦୀଘା-ଜଳେଶ୍ୱର ରେଳପଥକୁ କେନ୍ଦ୍ର ବିଜେପି ସରକାରଙ୍କ ଅଣଦେଖା ନେଇ ବାରମ୍ବାର ପ୍ରଶ୍ନ ଉଠିଥିଲା। ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ଏ ନେଇ ସ୍ୱର ଉଠିଥିଲା। ଏହି ରେଳପଥର ପଶ୍ଚିମବଙ୍ଗ ପାର୍ଶ୍ୱରେ ଥିବା ୭ କିମି ଜମି ଅଧିଗ୍ରହଣ ସମସ୍ୟାକୁ ନେଇ କେନ୍ଦ୍ର ବିଜେପି ସରକାର ଏହାର ନିର୍ମାଣ ପାଇଁ ଅରାଜି ଥିଲେ। ତେବେ ଏହି ପ୍ରକଳ୍ପକୁ ବନ୍ଦ ନ କରି ସାମୟିକ ଭାବେ ଆଗାମୀ ଦିନ ପାଇଁ ବଞ୍ଚାଇ ରଖିବା ନିମନ୍ତେ ଏବଂ ପ୍ରାଥମିକ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ସୀମାନ୍ତ ଚନ୍ଦନେଶ୍ୱର ଠାରୁ ଜଳେଶ୍ୱର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ୨୦୨୪-୨୫ ଅନ୍ତରୀଣ ବଜେଟରେ ଟୋକନ ଗ୍ରାଣ୍ଟ ଭାବେ ୧ ହଜାର ଟଙ୍କା ବରାଦ କରିଥିଲେ ବୋଲି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିର୍ବାଚନ ପ୍ରଚାର ସମୟରେ ଭୋଗରାଇ ବ୍ଲକ ଅନ୍ତର୍ଗତ କମର୍ଦ୍ଦା ଠାରେ ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ଉତ୍ତର ଦେଇଥିଲେ। ଏହାସହିତ ଚନ୍ଦନେଶ୍ୱରଠାରୁ ଜଳେଶ୍ୱର କିମ୍ବା ଚନ୍ଦନେଶ୍ୱର ଠାରୁ ରୁପ୍ସା ଜଙ୍କସନ ସହିତ ଏହି ରେଳପଥକୁ ଯୋଡିବା ନିମନ୍ତେ ପ୍ରାଥମିକ ଭାବେ 'ଟେକ୍ନୋ ଇକୋନୋମିକ ଫିଜିବିଲିଟ ସର୍ଭେ' କାର୍ଯ୍ୟ ଶେଷ ହୋଇଥିବା ପ୍ରକାଶ କରିଥିଲେ। ଏଥିରେ ସମୁଦାୟ ୯୪୯ କୋଟି ଟଙ୍କାର ଡିପିଆର ପ୍ରସ୍ତୁତ ହୋଇଛି। ନିର୍ବାଚନ ପରେ ବିଜେପି ସରକାର ଗଠନ ହେବା ସହିତ ପ୍ରଥମେ ଏହି ଡିପିଆର ଅନୁମୋଦନ ହେବ ଏବଂ ଏହି ରେଳପଥର ନିର୍ମାଣ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରାଯିବ ବୋଲି ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିଲେ। ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଗଠନ ହୋଇଛି। ନରେନ୍ଦ୍ର ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି ଏବଂ ରେଳ ମନ୍ତ୍ରୀ ଭାବେ ପୁଣି ଶ୍ରୀ ବୈଷ୍ଣବ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ଏହି ରେଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେଉଛି ତାହା ଦେଖିବାକୁ ବାକି ରହିଛି।

ଦୀର୍ଘ ଦଶନ୍ଧିର ଦାବି ଫଳରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଦୀଘା-ଜଳେଶ୍ୱର ରେଳପଥ ପ୍ରକଳ୍ପ ପାଇଁ ୨୦୧୧ ମସିହା କେନ୍ଦ୍ର ୟୁପିଏ ସରକାରଙ୍କ ସମୟରେ ବାଟ ଫିଟିଥିଲା। ସମୁଦାୟ ୪୧ କିଲୋମିଟର ଦୀର୍ଘ ଏହି ପ୍ରସ୍ତାବିତ ବ୍ରଡଗେଜ ରେଳ ପ୍ରକଳ୍ପର ସର୍ଭେ ପାଇଁ ୨୦୧୦-୧୧ ଆର୍ଥିକ ବର୍ଷ ରେଳ ବଜେଟର ପ୍ରଥମ ପର୍ଯ୍ୟାୟରେ ୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ପରବର୍ତ୍ତୀ ୨୦୧୧-୧୨ ଆର୍ଥିକ ବର୍ଷ ରେଳ ବଜେଟରେ ୧ କୋଟି, ୨୦୧୨-୧୩ ରେ ୧.୫ କୋଟି, ୨୦୧୩-୧୪ରେ ୨ କୋଟି, ୨୦୧୪-୧୫ରେ ୫ କୋଟି ଏବଂ ୨୦୧୫-୧୬ରେ ଏହି ରେଳପଥ ପ୍ରକଳ୍ପ ପାଇଁ ମାତ୍ର ୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା।

**ଉପକୃତ ହେବ ଭୋଗରାଇ ସମେତ ବାଲିଆପାଳ ଓ ବସ୍ତା ବ୍ଲକ ଅଞ୍ଚଳ**

ପରବର୍ତ୍ତୀ ବଜେଟରେ ଆଉ କୌଣସି ବ୍ୟୟ ବରାଦ ହୋଇନାହିଁ। ଏପର୍ଯ୍ୟନ୍ତ ଏହି ପ୍ରକଳ୍ପରେ ମାତ୍ର ୮.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରେଳବାଇ ବିଭାଗର ସରକାରୀ ତଥ୍ୟରୁ ଜଣାପଡ଼ିଛି।

ସୂଚନାଯୋଗ୍ୟ, ଏହି ପ୍ରସ୍ତାବିତ ରେଳପଥକୁ ୨୦୧୧ରେ କେନ୍ଦ୍ର ସରକାର ସବୁଜ ସଙ୍କେତ ଦେବା ସଙ୍ଗେ ସଙ୍ଗେ ଦକ୍ଷିଣପୂର୍ବ ରେଳବାଇ ଖଡଗପୁର ଡିଭିଜନର ତତ୍କାଳୀନ ଯନ୍ତ୍ରୀଙ୍କ ସହିତ ୪ ଜଣିଆ ବୈଷୟିକ ଟିମ ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ସମୁଦାୟ ୪୧ କିମି ମଧ୍ୟରୁ ପଶ୍ଚିମବଙ୍ଗରେ ୭ କିମି ଓ ଓଡ଼ିଶା ମଧ୍ୟରେ ୩୪ କିମି ରହିଛି। ପ୍ରାରମ୍ଭିକ ସର୍ଭେ ଅନୁଯାୟୀ ଏହି ରେଳପଥ ପଶ୍ଚିମବଙ୍ଗର ଦୀଘା ଠାରୁ ଆରମ୍ଭ ହୋଇ ଭୋଗରାଇ ବ୍ଲକର ଚନ୍ଦନେଶ୍ୱର, କଖଡା, ଦେହୁର୍ଦ୍ଦା, କମର୍ଦ୍ଦା ହୋଇ ଜଳେଶ୍ୱର ବ୍ଲକର ଲକ୍ଷ୍ମଣନାଥ ରେଳଷ୍ଟେସନ ସହିତ ଯୋଡିବା ପ୍ରସ୍ତାବ ରହିଥିଲା। ମାତ୍ର ଏହି ପ୍ରସ୍ତାବିତ ରେଳପଥର ସର୍ଭେ ଶେଷ ହେବା ପରେ ଏବଂ ଜମି ଅଧିଗ୍ରହଣ ଆରମ୍ଭ ହେବା ପୂର୍ବରୁ ଏହାର ଗତିପଥ ନକ୍ସାରେ ପରିବର୍ତ୍ତନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହୋଇଥିଲା। ପରିବର୍ତ୍ତିତ ପରିବେଶକୁ ଦୃଷ୍ଟିରେ ରଖି ଏହି ରେଳପଥକୁ ଜଳେଶ୍ୱର ବଦଳରେ ରୁପ୍ସା ଜଙ୍କସନ ସହିତ ସଂଯୋଗ କରିବା ପାଇଁ ବିକଳ୍ପ ପ୍ରସ୍ତାବ ରଖାଯାଇଥିଲା। ଏହା ଦ୍ୱାରା ପଶ୍ଚିମବଙ୍ଗର ଦୀଘା ବେଳାଭୂମି ପର୍ଯ୍ୟଟନ କ୍ଷେତ୍ର ସହିତ ଓଡ଼ିଶାର ଭୋଗରାଇ ବ୍ଲକର ବିଶ୍ୱ ପ୍ରସିଦ୍ଧ ଉଦୟପୁର ଓ ତାଳସାରି ବେଳାଭୂମି, ବିଚିତ୍ରପୁର ଇକୋ ଟୁରିଜିମ୍ ଓ ବାଲିଆପାଳ ବ୍ଲକର ଡଗରା ବେଳାଭୂମି ସମେତ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର, ଭୋଗରାଇ ବ୍ଲକର ବିଶ୍ୱ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ଓ ବାବା ଭୂଷଣ୍ଡେଶ୍ୱର ଶୈବପୀଠ ସହ ଯୋଗାଯୋଗ ସମ୍ଭବ ହୋଇଥାନ୍ତା। ଅନ୍ୟପକ୍ଷରେ ପ୍ରସ୍ତାବିତ ରୁପ୍ସା-ଟାଟା ଭାୟା ବାରିପଦା ରେଳପଥ ସହିତ ସଂଯୋଗ କରାଯାଇ ଦିଲ୍ଲୀ, ମୁମ୍ବାଇକୁ ଗମନାଗମନ ଓ କୃଷିଜାତ ମାଲ ପରିବହନ କାର୍ଯ୍ୟ ସୁଗମ ହୋଇପାରିବ। ଏହାବ୍ୟତୀତ ଦୀଘା-ଜଳେଶ୍ୱର ଭାୟା ତମଲୁକ୍ ରେଳପଥ ଦ୍ୱାରା ପୁରୀ-ହାୱଡା ରେଳପଥର ଦୂରତ୍ୱ ଶହେ କିଲୋମିଟର ହ୍ରାସ ପାଇବ। ଏହି ପରିବର୍ତ୍ତିତ ରେଳପଥ ବାସ୍ତବାୟିତ ହେଲେ ଉଭୟ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳବର୍ତ୍ତୀ ଭୋଗରାଇ, ବାଲିଆପାଳ ଓ ବସ୍ତା ବ୍ଲକ ଅଞ୍ଚଳର ଲୋକେ ସାମୁହିକ ଭାବେ ଉପକୃତ ହେବା ସହ ଦୁଇ ରାଜ୍ୟର ପର୍ଯ୍ୟଟନ, କୃଷି ଓ ବାଣିଜ୍ୟ କ୍ଷେତ୍ରର ବ୍ୟାପକ ବିକାଶ ହେବ। ଏହାସହିତ ଏହି ସମସ୍ତ ଅଞ୍ଚଳର ଉତ୍ପାଦିତ ଧାନ, ପାନ, ନଡିଆ, ମାଛ, କଙ୍କଡା, ଚିଙ୍ଗୁଡି, କାଜୁ, ଚିନାବାଦାମ ଆଦି କୃଷିଜାତ ଓ ସାମୁଦ୍ରିକ ଉତ୍ପାଦ ଦେଶର ବିଭିନ୍ନ ସ୍ଥାନକୁ ସହଜରେ ପରିବହନ ହେବା ସହ ଦେଶର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଓ ଦେଶର ବିଭିନ୍ନ ପ୍ରାନ୍ତକୁ କାମଧନ୍ଦାରେ ଯାଉଥିବା ଏହି ଅଞ୍ଚଳର ବିଶାଳ ସଂଖ୍ୟକ ଯୁବକଙ୍କ ଗମନାଗମନ କ୍ଷେତ୍ରରେ ଦୀର୍ଘ ଦିନର ସମସ୍ୟା ଦୂର ହୋଇପାରିବ। ଫଳରେ ଏହି ଅଞ୍ଚଳର ଆର୍ଥିକ ଓ ସାମାଜିକ ବିକାଶ ସମ୍ଭବ ହେବା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

## ମଦ ଜବତ, ୩ ଗିରଫ



ସୋର, ୧୧।୬(ସମିସ): ସୋର ଅବକାରୀ ବିଭାଗ ତରଫରୁ ହଦ ଛକ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀ ବିଦେଶୀମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ହଦଛକରେ ଚଢ଼ାଉ କରି ବଧି ଗ୍ରାମର ସାବିତ୍ରୀ ସାହୁ ନିକଟରୁ ୫ ଲିଟର ବିୟର, ତିଳୋତ୍ତମା ସାହୁ ନିକଟରୁ ୪.୫ ଲିଟର ବିଦେଶୀମଦ ଏବଂ କୃଷ୍ଣଦାସପୁର ଗ୍ରାମର ମହେନ୍ଦ୍ର ମଲିକ ନିକଟରୁ ୩୩ ଲିଟର ଦେଶୀମଦ ଜବତ ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, କନେଷ୍ଟବଳ ଶଶୀକାନ୍ତ ସାହୁ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

## ତେଘରୀ ରାମହରି ପୋଲ ପାଲଟିଛି ମରଣଯନ୍ତା



ରାଇବଣିଆ, ୧୧।୬(ସମିସ) : ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ତେଘରୀ ଗ୍ରାମ ପଞ୍ଚାୟତର ତେଘରୀ କଲେଜ ନିକଟସ୍ଥ ରାମହରି ପୋଲ ପାଲଟିଛି ମରଣଯନ୍ତା। ଏହି ରାସ୍ତାଟି ଜଳେଶ୍ୱରଠାରୁ ରାଇବଣିଆ ଅଞ୍ଚଳର ୧୪ଟି ଗ୍ରାମପଞ୍ଚାୟତ ସମେତ ସୀମାନ୍ତ ପଶ୍ଚିମବଙ୍ଗକୁ ସଂଯୋଗ ହୋଇଛି। ଏହି ରାସ୍ତା ଦେଇ ପାଖାପାଖି ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରତିଦିନ ଯିବାଆସିବା କରିଥାନ୍ତି। ରାଇବଣିଆ ଅଞ୍ଚଳର ଏହା ଏକ ମୁଖ୍ୟ ରାସ୍ତା ହୋଇ ଥିବାରୁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ବସ୍ ଠାରୁ ଟ୍ରାକ୍ଟର, ସହିତ ବଡ଼ ବଡ଼ ଟିପ୍ପ ଡମ୍ଫର୍, ରଡ୍ ବୋଝେଇ ଟ୍ରକ ଓ ଧାନ ବୋଝେଇ ଟ୍ରକ, ହଜାର ହଜାର ସଂଖ୍ୟାରେ ମାଲ ବୋଝେଇ ଗାଡ଼ି ସମେତ ଆମ୍ବୁଲାନ୍ସ ମଧ୍ୟ ଯିବା ଆସିବା କରିଥାଏ। କିନ୍ତୁ ଏବେ ଯେଉଁ ଅବସ୍ଥାରେ ପୋଲଟି ରହିଛି କେତେବେଳେ ଯେ କେଉଁ ବଡ ଦୁର୍ଘଟଣା ନ ଘଟିବ ତାହାକୁ ଏଡାଇ ଦିଆ ଯାଇନପାରେ। ଏହି ଆଣ୍ଠୁଏ ଆଣ୍ଠୁଏ ଗାତରେ ପଡ଼ି ଅନେକ ବାଇକ୍ ଚାଳକ, ସାଇକେଲ ଚାଳକ ଆହତ ହେଲେଣି ବୋଲି ଗ୍ରାମର ଅଶ୍ୱିନୀ କୁମାର ଦେ, ବିଜୟ କୁମାର ଜେନା, ନିତ୍ୟାନନ୍ଦ ଜେନା, ବରେନ୍ଦ୍ର ବାରିକ୍ ପ୍ରମୁଖ କହିଛନ୍ତି। ଆଗକୁ ଯଦି ପୂର୍ତ୍ତ ବିଭାଗ ଏ ନେଇ କୌଣସି ପଦେକ୍ଷପ ନ ନିଅନ୍ତି ଆଗକୁ ଅନେକ ମୂଲ୍ୟବାନ ଧନ ଜୀବନ ହାନି ହେବାର ଆଶଙ୍କା ପ୍ରକାଶ ପାଇଛି। ଏ ବାବଦରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଥିଲେ କି ଉକ୍ତ ରାସ୍ତାର ମରାମତି ଆମେ ଖୁବ୍‌ଶୀଘ୍ର ଆରମ୍ଭ କରିବୁ।

## ଅଙ୍ଗନବାଡ଼ିରେ କମ୍ ପରିମାଣର ଅଣ୍ଡା ବଣ୍ଟନ ଅଭିଯୋଗ



ଜଳେଶ୍ୱର ବ୍ଲକ, ୧୧।୬ (ସମିସ) : ଜଳେଶ୍ୱର ଆଇସିଡିଏସ ଅଧୀନ ଚମାରଗାଁ ଗ୍ରାମର ଅଙ୍ଗନବାଡ଼ି କର୍ମୀ ହିତାଧିକାରୀଙ୍କୁ ସରକାରୀ ଧାର୍ଯ୍ୟଠାରୁ କମ୍ ପରିମାଣର ଅଣ୍ଡା ପ୍ରଦାନ କରିବାରୁ ତାଙ୍କ ବିରୋଧରେ ହିତାଧିକାରୀଙ୍କ ଅଭିଯୋଗ ହୋଇଛି। ସୂଚନା ଅନୁସାରେ କେନ୍ଦ୍ର ସରକାରଙ୍କ ଶିଶୁ, କିଶୋରୀ, ଗର୍ଭବତୀ ଓ ପ୍ରସୂତି ମହିଳା ମାନଙ୍କ ପୁଷ୍ଟି ସାଧନ ନିମନ୍ତେ ପୁଷ୍ଟିକର ଖାଦ୍ୟ ଯଥା ବୁଟ, ମୁଢ଼ି, ଛତୁଆ, ଅଣ୍ଡା ଇତ୍ୟାଦି ସାମଗ୍ରୀ ଅଙ୍ଗନବାଡ଼ି କର୍ମୀ ମାନଙ୍କ ଦ୍ୱାରା ବଣ୍ଟନ ହେଉଛି। ମାତ୍ର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଚମାରଗାଁ ଗ୍ରାମର ଅଙ୍ଗନବାଡ଼ି କର୍ମୀ ହିତାଧିକାରୀ ମାନଙ୍କୁ କମ୍ ପରିମାଣର ଅଣ୍ଡା ବଣ୍ଟନ କରିବା ଅଭିଯୋଗ ଆଣିଛନ୍ତି ଗ୍ରାମର ହିତାଧିକାରୀ। ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ପାଇଁ ୧୨ଟି ଅଣ୍ଡା ମିଳିବା ପରିବର୍ତ୍ତେ ୧୦ ଟି ଅଣ୍ଡା ଓ କିଶୋରୀ ମାନଙ୍କ ପାଇଁ ୧୬ ଟି ଅଣ୍ଡା ମିଳିବାର ଚିଠି ଥିବାବେଳେ କର୍ମୀ ୧୨ ଟି ଅଣ୍ଡା ବଣ୍ଟନ କରୁଛନ୍ତି। ଏ ବାବଦରେ ସୋମବାର ହିତାଧିକାରୀମାନେ ଜଳେଶ୍ୱର ସିଡିପିଓ ଚମ୍ପାମଣି ମୁର୍ମୁଙ୍କୁ ସାକ୍ଷାତ୍ କରି ଏକ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଅଭିଯୋଗ ପତ୍ର ଦେବା ସମୟରେ ପୂର୍ଣ୍ଣିମା ବିନ୍ଧାଣି, ଗାୟତ୍ରୀ ବିନ୍ଧାଣି, ସୌମ୍ୟସ୍ମୃତି ଦେ, ସରୋଜିନୀ ଦାସ, ଶକୁନ୍ତଳା ଦେ, କାଜଲ ଚାନ୍ଦ, ବିଦ୍ୟୁତ୍ସ୍ମିତା ଭୂୟାଁ, ରାଣୀ ଲତା ଜେନା, ସୁଭଦ୍ରା ପ୍ରିୟଦର୍ଶିନୀ ଗିରି, କନକ ଲତା ଦେ, ସୁମିତ୍ରା ଦାସ, ତନୁଶ୍ରୀ ଦାସ, କ୍ରିଷ୍ଣା ରାଣୀ ଜେନା, ବିଜୟଲକ୍ଷ୍ମୀ ପ୍ରଧାନ ଓ ସସ୍ମିତା ପ୍ରଧାନ ପ୍ରମୁଖ ହିତାଧିକାରୀ ମାନେ ଏକ ଲିଖିତ ଦରଖାସ୍ତରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଅଣ୍ଡା ବଜାର ଦର ଅହେତୁକ ମୂଲ୍ୟ ବୃଦ୍ଧି ହେତୁ କର୍ମୀ ମାନେ ହିତାଧିକାରୀଙ୍କ ଆକ୍ରୋଶର ଶୀକାର ହେଉଛନ୍ତି ବୋଲି କର୍ମୀ କହିଛନ୍ତି। ଅଣ୍ଡାର ମୂଲ୍ୟ ସରକାରୀ ସ୍ତରରେ ଅଣ୍ଡା ଗୋଟିକ ୫ ଟଙ୍କା ମିଳୁଥିଲା ବେଳେ ଲୋକାଲ ବଜାରରେ ଅଣ୍ଡାର ମୂଲ୍ୟ ୭ ଟଙ୍କାରୁ ସମୟ ସମୟରେ ୮ ଟଙ୍କା ଲେଖାଏଁ ବିକ୍ରି ହେଉଛି। ୧୬ ଟି ଅଣ୍ଡାର ମୂଲ୍ୟ ୮୦ ଟଙ୍କା ସରକାର ଦେଉଥିବା ବେଳେ ୮୦ ଟଙ୍କାରେ ବଜାର ଦର ଅନୁସାରେ ୧୨ଟି ଅଣ୍ଡା କର୍ମୀମାନେ କିଣି ବଣ୍ଟନ କରୁଛନ୍ତି ବୋଲି ସୂଚନା ଦେଇଛନ୍ତି। ସେଥିରେ ପୁଣି ଅଣ୍ଡା ଭଙ୍ଗା ତୁଟା ପଡ଼ିଲେ କର୍ମୀ ମାନେ ନିଜ ହାତରୁ ଭରଣା କରୁଛନ୍ତି। ନ ହେଲେ କର୍ମୀଙ୍କୁ ହିତାଧିକାରୀଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି। ପୁଣି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ୩ ମାସ ମଧ୍ୟରେ ଅଣ୍ଡା ବଣ୍ଟନ ପାଇଁ ଅର୍ଥ ରାଶି ଦେଇ ନାହାନ୍ତି। ଯାହାକି ବହୁ କର୍ମୀ ଅଣ୍ଡା ବଣ୍ଟନ କରି ପାରୁ ନ ଥିବା ଜଣା ପଡ଼ିଛି।

## ପଞ୍ଚାୟତର ନିର୍ବାଚନୀ ଫଳ ନେଇ ବିଜେଡିର ସମୀକ୍ଷା



ଜଳେଶ୍ୱର ବ୍ଲକ, ୧୧।୬ (ସମିସ) : ୨୦୨୪ ସାଧାରଣ ନିର୍ବାଚନରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ରାଇବଣିଆ ଅଞ୍ଚଳ ୧୪ଟି ଗ୍ରାମ ପଞ୍ଚାୟତର ହୋଇଥିବା ନିର୍ବାଚନୀ ଫଳାଫଳକୁ ନେଇ ବିଜେଡି ପକ୍ଷରୁ ଏକ ସମୀକ୍ଷା ବୈଠକ କାଳିକ ଗ୍ରାମ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ପୂର୍ବାହ୍ନ ୧୦ଟାରେ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ବିଜେଡି ବ୍ଲକ ସଭାପତି ଦିଲ୍ଲୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତପନ କୁମାର ଦାସ, ଓଲମରା ପୂର୍ବତନ ସରପଞ୍ଚ ଯତୀନ୍ଦ୍ର ନାଥ ମହାନ୍ତି, ବରଡିହା ସରପଞ୍ଚ ଅଜୟ କୁମାର ମହାନ୍ତି, ବ୍ରିଜେଶ କୁମାର ରଣା, ମଧୁସୂଦନ ସେନାପତି ପ୍ରମୁଖ ନେତୃତ୍ୱମାନେ ମଞ୍ଚାସୀନ ରହି ରାଇବଣିଆ ଅଞ୍ଚଳର ୧୪ଟି ଗ୍ରାମ ପଞ୍ଚାୟତର ଭୋଟ ପ୍ରତିଶତ କମିବା ଓ ଆଗକୁ ଦଳ କି ପ୍ରକାର ପଦକ୍ଷେପ ନେଲେ ଦଳ ଅଧିକ ସୁଦୃଢ଼ ହୋଇ ପାରିବ ସେ ବାବଦରେ ସମୀକ୍ଷା କରିବା ସହିତ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲମା ସରପଞ୍ଚ ସୁବିନିତା ଦତ୍ତ, ରାଇବଣିଆ ସରପଞ୍ଚ ସନ୍ଦିପ ନାରାୟଣ ଘୋଷ, କଲମା ସମିତି ସଭ୍ୟ ଚିତ୍ତ ରଞ୍ଜନ ବେହେରା, ଖୁଦିଆମାଝିସାହି ସରପଞ୍ଚ ଚଞ୍ଚଳା ସେଠୀ, କାଳିକ ପୂର୍ବତନ ସରପଞ୍ଚ ଗଙ୍ଗାଧର ଦାସ, ସମିତି ସଭ୍ୟ ବିଜୟ କୁମାର ବେହେରା, ଶ୍ରୀରାମପୁର ସମିତି ସଭ୍ୟ ଗୋପାଳ ଚନ୍ଦ୍ର ସାମଲ, ଡିପିପୁର ପୂର୍ବତନ ସରପଞ୍ଚ ଅଞ୍ଜନ କୁମାର ଘୋଷ, ସମୀର ଘଡ଼େଇ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାଧାକାନ୍ତ ଘୋଷ, ସଞ୍ଜୟ ଘୋଷ, ବିଷ୍ଣୁପଦ ଆଚାର୍ଯ୍ୟ, ନିମାଇଁ ଚରଣ ଘୋଷ, ଶିବ ଶଙ୍କର ସାହୁ, ସଞ୍ଜୟ ବାରିକ, ଲଛମନ ପାତ୍ର, ଦିନେଶ କିସ୍କୁଙ୍କ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ।



## ଟାଟା ପାୱାର ତରଫରୁ ସୁରକ୍ଷା ଓ ସଚେତନତା



ଚୌକି, ୧୧।୬ (ସମିସ) : ଭୋଗରାଇ ବ୍ଲକ ଦେହୁର୍ଦ୍ଦା ବିଦ୍ୟୁତ ସବଡିବିଜନ ତରଫରୁ ବିଦ୍ୟୁତ୍ ସୁରକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏସଡିଓ ସୂର୍ଯ୍ୟକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଦେବରଞ୍ଜନ ଘଡାଇ, ସମ୍ମାନୀତ ବ୍ୟକ୍ତି ପ୍ରଶାନ୍ତ ଦାସ, ସଞ୍ଜୟ ଷଣ୍ଢ, ସୃଷ୍ଟିଧର ପାତ୍ର, ଉମେଶ ବାରିକ, ରାମଚନ୍ଦ୍ର ନାୟକ, ଆଦି ଟାଟା ପାୱାର ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀ ମାନଙ୍କୁ ବିଭିନ୍ନ ବିଦ୍ୟୁତିକ ଉପକରଣ ନିଜର ସୁରକ୍ଷା ପାଇଁ ନେବାକୁ କହିଥିଲେ। ବିଶେଷ କରି ଖୁଣ୍ଟକୁ ଉଠିବା ପାଇଁ ବେଲଟ୍ ହେଲିମେଟ, ବିଦ୍ୟୁତ କୁପରିବାହି ଯନ୍ତ୍ର, ଆଦି ନେବା ପାଇଁ ପରାମର୍ଶ ଦେଇଥିଲେ। କର୍ମକ୍ଷେତ୍ରକୁ ଯାଇ ବିଦ୍ୟୁତ ଉପକରଣ ଯଦି ଖରାପ ହୋଇଥାଏ ତାକୁ ଆଣି ଅଫିସରେ ଜମାଦେବା ଓ ନୂତନ ବିଦ୍ୟୁତ ଉପକରଣ ନେଇ ଲଗାଇବା, ବିଶେଷ କରି ମଦ୍ୟପାନ ପାନ କରି କର୍ମକ୍ଷେତ୍ରକୁ ନ ଯିବା ପାଇଁ ବାର୍ତ୍ତା ଦେଇଥିଲେ। ନିଜେ ସୁରକ୍ଷିତ ରହି କାର୍ଯ୍ୟ କଲେ ନିଜେ ବଞ୍ଚିବା ସହିତ ପରିବାରର ପ୍ରତିପୋଷଣ କରିବା ଆଦି ବହୁତ ବାର୍ତ୍ତାକୁ ସବିଶେଷରେ ଆଲୋଚନା କରିଥିଲେ। ଭବତୋଷ କର ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କୁଟି ସହ ଦେଶୀ ମଦ ଜବତ, ଜଣେ ଗିରଫ

ସୋର, ୧୧।୬(ସମିସ): କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ କଟକ, ୟୁନିଟ -୨ ତରଫରୁ ଜାମୁଝାଡି ଛକରେ ଚଢ଼ଉ କରି ସ୍କୁଟି ସହ ଦେଶୀମଦ ଜବତ କରିଥିବା ବେଳେ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗର ଆଇଆଇସି ଧିରେନ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଆଜି ସକାଳେ ଜାମୁଝାଡି ଛକରେ ପାଟ୍ରୋଲିଂ କରୁଥିବା ବେଳେ ଏକ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସେଥିରେ ଏକ ଅଖାରେ ୫୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ସ୍କୁଟି ସହ ମଦକୁ ଜବତ କରି ଜାମୁଝାଡି ଗ୍ରାମର ସତ୍ୟବ୍ରତ ଲେଙ୍କାକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତା'ର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ ଥବୀର ପଟ୍ଟନାୟକ, କିଶୋର ରାଉତ, ଗୋଖେନ୍ଦ୍ର ପରିଡ଼ା, କନେଷ୍ଟବଳ ରାଜେଶ କିଷାନ, ବସନ୍ତ ମଲ୍ଲିକ, ସୁମିତ୍ରା ସାମଲ ଓ ଜଗନ୍ନାଥ ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ୧୫ ଦିନ ହେବ ବିଦ୍ୟୁତ୍ ସେବାରୁ ବଞ୍ଚିତ ରାଇବଣିଆ ଅଞ୍ଚଳବାସୀ

ଜଳେଶ୍ୱର ବ୍ଲକ, ୧୧।୬ (ସମିସ):



**● ଲୋକେ ଛୁଆ ପିଲା ଧରି ଗଛ ମୂଳେ**

ପ୍ରବଳ ଗ୍ରୀଷ୍ମ ପ୍ରବାହ ସହିତ ପ୍ରଚଣ୍ଡ ଗୁଳୁଗୁଳି ଜନ ଜୀବନକୁ କରୁଛି ଅସ୍ତବ୍ୟସ୍ତ। ଏଭଳି ପରିସ୍ଥିତିରେ ନିରବଛିନ୍ନ ବିଦ୍ୟୁତ ସେବାରୁ ବଞ୍ଚିତ ହେଉଛନ୍ତି ରାଇବଣିଆ ଅଞ୍ଚଳବାସୀ। ରାଇବଣିଆ ଅଞ୍ଚଳ ଏକ ପଥୁରିଆ ଅଞ୍ଚଳ ଯେଉଁଠି ଖରା ଦିନରେ ଅସହ୍ୟ ହୋଇପଡ଼େ ଜନଜୀବନ। ଏଭଳି ପରିସ୍ଥିତିରେ ଅବ୍ୟବସ୍ଥା ଭିତରେ ଗତି କରୁଛି ହାତିଗର୍ଡ଼ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ। ଆଜକୁ ୧୫ ଦିନ ହେବ ସାଧାରଣ ଲୋକଙ୍କୁ ନିରବଛିନ୍ନ ଭାବରେ ବିଦ୍ୟୁତ ସେବା ଯୋଗେଇ ଦେଇ ପାରୁନି ବିଦ୍ୟୁତ୍ ବିଭାଗ। ଗୁଳୁଗୁଳି ଏତେ ହେଉଛି ଯେ ଲୋକେ ଘରେ ନ ରହି ଗଛ ମୂଳରେ ବସିବା ଓ ଶୋଇବା ସହିତ ରାତି ହେଲେ ଖୋଲା ଆକାଶ ତଳେ ବସିବାକୁ ବାଧ୍ୟ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନାହିଁ। ଯଦି ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଦ୍ୟୁତ୍ ସରବରାହ ଠିକ୍ ଭାବେ ନ ହୁଏ, ତେବେ ବିଦ୍ୟୁତ୍ ଗ୍ରାହକ ପକ୍ଷରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁକୁମାର ଘୋଷ, କ୍ଷିତିଶ ଚନ୍ଦ୍ର ଦେ, ବ୍ରିଜେଶ କୁମାର ରଣା, ପ୍ରଦୀପ ଘୋଷ, ଦିଲ୍ଲୀପ ସାମଲ, ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଆଗାମୀ ଦିନରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରୀଖାଡ଼େଶ୍ୱର ମହେଶଙ୍କ ଶୀତଳଷଷ୍ଠୀ



**ଆନନ୍ଦପୁର,୧୧।୬(ସମିସ):** ଘସିପୁରା ଝାଡେଶ୍ୱରଙ୍କ ପୀଠରେ ଶୀତଳଷଷ୍ଠୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେବଦମ୍ପତିଙ୍କ ବିବାହ ପାଇଁ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିସରରେ ପୂଜକ କୃଷ୍ଣ ଶତପଥୀ, ସୁଦାମ ପଣ୍ଡା, ସୁରେଶ ମିଶ୍ର, ସନ୍ତୋଷ ପଣ୍ଡା, ଅନ୍ତର୍ଯ୍ୟାମୀ ଦାଶଙ୍କ ଦ୍ୱାରା ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ରଘୁନାଥ ପାଢୀ ବରପିତା ଓ ଇଂ. କିଶୋର କୁମାର ରଥ କନ୍ୟାପିତା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଶତାଧିକ ବରଯାତ୍ରୀ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଝାଡେଶ୍ୱରଙ୍କ ଚଳନ୍ତି ପ୍ରତିମା ସୁସଜ୍ଜିତ ବିମାନରେ ବିଜେ କରି ସହର ପରିକ୍ରମା କରିଥିଲେ। ବାଜାବାଣ ଓ ନୃତ୍ୟଗୀତରେ ସହର କମ୍ପିଥିଲା। ପ୍ରଫୁଲ ସାହୁ, ଟୁକୁନୁ ସା, ଚକ୍ରଧର ସାହୁ, ନିରଞ୍ଜନ ସାହୁ, ନାରାୟଣ ସାହୁ, ଦୀବକୃଷ୍ଣ ସାହୁ, ବାବୁଲି ବେହେରା, ଗୌତମ ସାହୁ, ଭାବଗ୍ରାହୀ ସାହୁ, ପଙ୍କଜ ସାହୁ, ବୁଦ୍ଧଦେବ ସାହୁ, ଜଳଧର ସାହୁ, ନେପାଳ ସାହୁ, ହଳଧର ସାହୁ, ତୋଫାନ ସାହୁ, କୈଳାସ ବିଶ୍ୱାଳ, ସୁଶାନ୍ତ ସାହୁ, କାଳିଆ ଦାଶ, ସୁବାଷ ମହାନ୍ତି, ଭୀମସେନ ସାହୁ, ଗୀତାରାଣୀ ସାହୁ, ରୀନାରାଣୀ ସାହୁ, ଗୀତାଞ୍ଜଳି ସାହୁ, ଝୁମାରାଣୀ ସାହୁ, ସୁଭଦ୍ରା ସାହୁ, ଯଶୋଦା ସାହୁ, ଉମା ସାହୁ, ସତ୍ୟଭାମା ସାହୁ, ଗୋଲାପ ପଣ୍ଡା, ରୁକ୍ମଣୀ ଶତପଥୀ, ଲକ୍ଷ୍ମୀପ୍ରିୟା ପାଢୀ, ବାସନ୍ତୀ ମହାରଣା, ମାଳତୀ ସାହୁ, କାଜଲ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀଉତ୍ତରେଶ୍ୱର ମହେଶଙ୍କ ନଗର ପରିଭ୍ରମଣ



ଆନନ୍ଦପୁର,୧୧।୬(ସମିସ): ଆନନ୍ଦପୁର ଉପଖଣ୍ଡ ସର୍ବପୁରାତନ ଶୈବପୀଠ ଶ୍ରୀଶ୍ରୀ ଉତ୍ତରେଶ୍ୱର ମହେଶ ବିଜେଙ୍କ ଦେବ ବିବାହ ଉତ୍ସବ ଅବସରରେ ଆଜି ନଗର ପରିଭ୍ରମଣ ହୋଇଥିବା ଜଣାଯାଇଛି। ପରିଚାଳନା କମିଟି ସଭାପତି ଇଂ.ଦିଲୀପ ସିଂଙ୍କ ତତ୍ତ୍ୱାବଧାନରେ ମନ୍ଦିର ପରିସରରେ ଯଥାରୀତି ପୂଜାର୍ଚ୍ଚନା ପରେ ଶ୍ରୀମହେଶଙ୍କ ବିଜେ ପ୍ରତିମା ଏକ ସୁସଜ୍ଜିତ ବିମାନରେ ନଗର ଭ୍ରମଣ କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳପାକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ଦିନ ଶୀତଳଷଷ୍ଠୀ ଅବସରରେ ଶିବପାର୍ବତୀଙ୍କ ଆୟୋଜିତ ବିବାହ ଉତ୍ସବରେ ବରପିତା ଭାବେ ଦୁଃଖବନ୍ଧୁ ମିଶ୍ର ଓ କନ୍ୟାପିତା ଭାବେ ଚିନ୍ତାମଣି ପଣ୍ଡା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୁରୀଧାମରୁ ଆସିଥିବା ଦେବାଚାର୍ଯ୍ୟ ଅଶୋକ କୁମାର ଶତପଥି, ପୂଜକ ନବକିଶୋର ପଣ୍ଡା, ଦାଶରଥି ପଣ୍ଡା, ବିଶ୍ୱଜିତ ପଣ୍ଡା, ଶ୍ରୀଧର ମିଶ୍ର, ଦିଲୀପ କୁମାର ପଣ୍ଡା ପ୍ରମୁଖ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ବିବାହ ଉତ୍ସବରେ ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଇ ମହାଦେବଙ୍କ କୃପା ଲାଭ କରିଥିଲେ। ଶ୍ରୀଉତ୍ତରେଶ୍ୱର ଟ୍ରଷ୍ଟ କମିଟିର ସଭାପତି ଦିଲୀପ କୁମାର ସିଂ, ସଦସ୍ୟ ଦେବରଞ୍ଜନ ସାହୁ, ଉମେଶ ପାଢୀ, ସୌମ୍ୟରଞ୍ଜନ ମିଶ୍ର, ମିକୁଲ ଦାସ, ଜୟନାରାୟଣ ମହାନ୍ତି, ରବିନ୍ଦ୍ର କୁମାର ପାତ୍ର(ଧୁଣ୍ଡ), ଅକ୍ଷୟ କୁମାର ସାମଲ, ବିଶ୍ୱଜିତ ରାଉତ, ଅନନ୍ତ ସିଂ, ଶ୍ରୀଧର ରଣା, ରବିନ୍ଦ୍ର ବାରିକ, ସିକୁଲ ଦାସ, ଗୌରାଙ୍ଗ ନାୟକ ପ୍ରମୁଖଙ୍କ ସହ ମନ୍ଦିରର ସମସ୍ତ ସଦସ୍ୟ ବିବାହ ଉତ୍ସବରେ ସହ ଯୋଗ କରିଥିଲେ। ମଙ୍ଗଳବାର ଶ୍ରୀମହେଶ ଓ ପାର୍ବତୀଙ୍କୁ ସୁସଜ୍ଜିତ ପାଲିଙ୍କିରେ ଆନନ୍ଦପୁର ନଗର ପରିକ୍ରମା କରାଯିବ ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ଆଇଆଇଟି ପରୀକ୍ଷାରେ ରାଜଦୀପ୍‌ଙ୍କ ସଫଳତା

**ଆନନ୍ଦପୁର,୧୧।୬(ସମିସ):** ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଶାଳପଡା ଗ୍ରାମର ନମିତା ମିଶ୍ର ଓ ରାଜେଶ କୁମାର ମିଶ୍ରଙ୍କ ସୁପୁତ୍ର ରାଜଦୀପ ମିଶ୍ର ସର୍ବଭାରତୀୟ ସ୍ତରରେ ଆଇଆଇଟି ପରୀକ୍ଷାରେ ୧୦ ଜଣଙ୍କ ମଧ୍ୟରୁ ଷଷ୍ଠ ସ୍ଥାନରେ ରହିଥିବାର ଜଣାଯାଇଛି। ୧୪ ବର୍ଷ ବୟସରୁ ରାଜଦୀପ ୩ ଥର ଆନ୍ତର୍ଜାତିକ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଁ ଜୁନିୟର ସାଇନ୍ସ ଅଲମ୍ପିଆର୍ଡରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ୨୦୨୧ ରେ ଦୁବାଇ ଠାରେ ଆଇଜେଏସଓ, ୨୦୨୨ରେ କଲମ୍ବିଆ ଇଣ୍ଟରନେସେନାଲ ଆଷ୍ଟ୍ରୋନୋମୀ ଓ ଆଷ୍ଟ୍ରୋଫିଜିକ୍ସ ଅଲମ୍ପିଆର୍ଡ ଏବଂ



୨୦୨୩ ରେ ପୋଲାଣ୍ଡରେ ଯୋଗ ଦେଇ କୃତିତ୍ୱ ହାସଲ କରିଛନ୍ତି। ଏତଦବ୍ୟତିତ ୨୦୨୪ ଜେଇ ପରୀକ୍ଷାରେ ଶତକଡା ୯୯.୯ ମାର୍କ ରଖି କୃତିତ୍ୱ ଅର୍ଜନ କରିଥିବା ବେଳେ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ପଦାର୍ଥ ବିଜ୍ଞାନ ଓ ରସାୟନ ଶାସ୍ତ୍ରରେ ଶତକଡା ଶହେ ମାର୍କ ଓ ଗଣିତରେ ଶତକଡା ୯୯ ମାର୍କ ରଖି ନିଜର ଅଭୂତପୂର୍ବ କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ତାଙ୍କର ବାପା ଗୁଜୁରାଟର ଜାମନଗରରେ ଭାରତୀୟ ବାୟୁସେନାରେ ସେବାରତ ଥିବାର ଜଣାଯାଇଛି। ତାଙ୍କର ଏହି ସଫଳତା ପାଇଁ ଆନନ୍ଦପୁର ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

**ରାମଚନ୍ଦ୍ରପୁର,୧୧।୬(ସମିସ):** ରାମଚନ୍ଦ୍ରପୁର ଥାନା ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ ଅନ୍ତର୍ଗତ ନରଦା ଗାଁ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ଯେ ସ୍ଥାନୀୟ ନରଦା ଗ୍ରାମର କୀର୍ତ୍ତନ ବେହେରା (୬୫) ଗତକାଲି ରାତ୍ରୀରେ ଘରପାଖ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତା ବସତଃ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକ ଏଣେସେଣେ ବହୁ ଖୋଜାଖୋଜି ପରେ ଘରପାଖ ପୋଖରୀରେ ତାଙ୍କ ଠେଙ୍ଗା ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ପୋଖରୀ ଭିତରୁ ମୃତଦେହକୁ ଉଦ୍ଧାର କରାଯାଇଥିଲା। ଘଟଣା ସମ୍ପର୍କରେ ରାମଚନ୍ଦ୍ରପୁର ପୁଲିସକୁ ଖବର ଦିଆଯିବା ପରେ ପୁଲିସ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା। ରାମଚନ୍ଦ୍ରପୁର ପୁଲିସ ୧୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

### ମୁଖ୍ୟମନ୍ତ୍ରୀ ହେବେ କେନ୍ଦୁଝରର ମାଟିର ପୁଅ

# ମୋହନଙ୍କ ରାଇକଳା ଗାଁରେ ଖୁସିର ମାହୋଲ



**କେନ୍ଦୁଝର,୧୧।୬ (ସମିସ)**

କେନ୍ଦୁଝର ବିଧାୟକ ମୋହନ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚୟନ କରାଯିବା ପରେ ସାରା ଜିଲ୍ଲାରେ ଆନନ୍ଦର ଲହରୀ ଖେଳିଯାଇଛି। ତାଙ୍କ ପୈତୃକ ଗ୍ରାମ ରାସକଳାରେ ଗ୍ରାମବାସୀ ଖୁସି ମନାଇଛନ୍ତି। କେନ୍ଦୁଝର ସହର ସମେତ ସାରା ଜିଲ୍ଲାରେ ଲୋକେ ବାଣ ଫୁଟାଇ, ବାଜା ବଜାଇ, ମିଠା ଖୁଆଇ ଖୁସି ମନାଇଛନ୍ତି। ସଦର ବ୍ଲକର ରାଇକଳା ଗାଁରେ ୬ ଜାନୁଆରୀ ୧୯୭୨ରେ ଜନ୍ମ ହୋଇଥିବା ମୋହନ ମାଝୀ ଝୁମ୍ପୁରା ଶିଶୁମନ୍ଦିରରୁ ଶିକ୍ଷକତା ଆରମ୍ଭ କରିଥିଲେ। ପରେ ୧୯୯୭ ମସିହାରେ ରାଇକଳା ପଞ୍ଚାୟତର ସରପଞ୍ଚ ହୋଇଥିଲେ। ତେବେ ୨୦୦୦ ମସିହାରେ କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀରୁ ପ୍ରଥମ କରି ବିଧାୟକ ହୋଇଥିଲେ। ପରେ ପୁଣି ୨୦୦୪ରେ କେନ୍ଦୁଝରରୁ ବିଧାୟକ ଓ ସରକାରୀ ଦଳର ଉପମୁଖ୍ୟ ସଚେତକ ହୋଇଥିଲେ। ପରେ ପୁଣି ୨୦୧୯ରେ ବିଧାୟକ ହୋଇ ବିରୋଧି ଦଳର ମୁଖ୍ୟ ସଚେତକ ହୋଇଥିଲେ। ୨୦୨୪ରେ ପୁଣି ଥରେ କେନ୍ଦୁଝରରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଗୋଟିଏ ସାଧାରଣ ପରିବାରରୁ ଆସି ମୁଖ୍ୟମନ୍ତ୍ରୀ ହେବା ପାଇଁ ସେ ଅନେକ ସଂଘର୍ଷ କରିଛନ୍ତି। ତାଙ୍କ ଉପରେ କେନ୍ଦୁଝର ସହର ନିକଟରେ ବିଗତ ଦିନରେ ବୋମାମାଡ଼ ମଧ୍ୟ ହୋଇଥିଲା। ବହୁ ସଂଘର୍ଷରୁ ଜଣେ ସଫଳ ରାଜନେତା ହୋଇଥିବା ମୋହନ ଜିଲ୍ଲାରେ ସବୁଦଳରେ ଗ୍ରହଣୀୟତା ରଖିଥିଲେ। ଜିଲ୍ଲାର ପ୍ରଗତି ପାଇଁ ହୋଇଥିବା ବିଭିନ୍ନ ଅନ୍ଦୋଳନରେ ସେ ସାମିଲ ହୋଇ ତାଙ୍କର ସମର୍ଥନ ଯୋଗାଇ ଆସିଥିଲେ। ତେଣୁ ଜିଲ୍ଲାରେ ତାଙ୍କର ଗ୍ରହଣୀୟତା ଅନେକ ଥିଲା। ସବୁ ବର୍ଗର ଲୋକଙ୍କର ମଧ୍ୟରେ ସେ ଆଦରଣୀୟ ଥିଲେ। ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ। ସେ ମୁଖ୍ୟମନ୍ତ୍ରୀ ହେବା ଜଣାପଡିବା ପରେ ତାଙ୍କ ଗାଁରେ ଅନେକ ଖୁସିର ମାହୋଲ ହୋଇଛି। ତାଙ୍କର ବନ୍ଧୁବାନ୍ଧବ, ସାହିପଡିଶା, ସହଯୋଗୀ ସମସ୍ତେ ଖୁସି ବ୍ୟକ୍ତ କରିଥିବା ବେଳେ ଗାଁ ଓ କେନ୍ଦୁଝର ଜିଲ୍ଲା ପାଇଁ ଏହା ଗର୍ବର ମୁହୂର୍ତ୍ତ ବୋଲି ଲୋକେ କହିଛନ୍ତି। ଜଣେ ଆଦିବାସୀ ନେତା, ଯୁବ ନେତୃତ୍ୱ, ସାଧାରଣ ପରିବାରରୁ ଆସି ରାଜ୍ୟର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବାରୁ ଏହା ଜିଲ୍ଲା ପାଇଁ ଗର୍ବ ତଥା ଗୌରବର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦୁଝର ସହରରେ ବିଜେପି କର୍ମକର୍ତ୍ତା ଓ କର୍ମୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବାଜା ବଜାଇ ବାଣ ଫୁଟାଇ ଉତ୍ସବ ମନାଇବା ସହ ମିଠା ବଣ୍ଟନ କରିଛନ୍ତି। ଝୁମ୍ପୁରା ବଜାର, ଚମ୍ପୁଆ, ଯୋଡା, ବଡବିଲ, ଘଟଗାଁ, ଆନନ୍ଦପୁର ସମେତ ଜିଲ୍ଲାର କୋଣ ଅନୁକୋଣରେ ଲୋକମାନେ ବାଣ ଫୁଟାଇ ମିଠା ବାଣ୍ଟି ଖୁସି ବ୍ୟକ୍ତ କରାଯାଇଛି।



## ବିଜେପି କର୍ମୀ ପାଳିଲେ ବିଜୟ ଉତ୍ସବ



**ଆନନ୍ଦପୁର:** ମୋହନଙ୍କ ନାମ ଘୋଷଣା ପରେ କେନ୍ଦୁଝର ଜିଲ୍ଲା ପାଇଁ ଏକ ନୂଆ ଇତିହାସ ସୃଷ୍ଟି ହୋଇଛି। ଟାଣୁଆ ଆଦିବାସୀ ନେତା କେନ୍ଦୁଝର ସଦର ବିଧାୟକ ମୋହନ ମାଝୀ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହି ଖବର ପରେ ଆନନ୍ଦପୁର ବ୍ରିଜଛକ, ବଡଦାଣ୍ଡ, କଚେରୀ ଛକ ଠାରେ ବିଜେପି କର୍ମକର୍ତ୍ତାମାନେ ଖୁସି ମନାଇବା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ହେବା ଜିଲ୍ଲାବାସୀଙ୍କ ପାଇଁ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିବା ବେଳେ ଜିଲ୍ଲା ବିଜେପି ଉପସଭାପତି ନିରାକାର ଦଳେଇ ପ୍ରକାଶ କରିଛନ୍ତି। ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀର ବିଭିନ୍ନ ମହଲରେ ଆନନ୍ଦ ଉତ୍ସାହ ପ୍ରକାଶ ପାଇଛି। ବିଜେପି ନେତା ଓ କର୍ମୀମାନେ ବାଣ ଫୁଟାଇ ଆନନ୍ଦ ମନାଇବା ସହିତ ମିଠା ବାଣ୍ଟି ଖୁସି ବ୍ୟକ୍ତ କରିଥିଲେ। ଆଜି ଆନନ୍ଦପୁରର କଚେରୀ ଛକଠାରେ ନଗର ମଣ୍ଡଳ ସଭାପତି ପ୍ରଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ବିଜେପି ନେତା ଓ କର୍ମୀମାନେ ଏକଜୁଟ୍ ହୋଇ ଜୟ ଶ୍ରୀରାମ ଧ୍ୱନିରେ ଅଞ୍ଚଳକୁ ପ୍ରକମ୍ପିତ କରିଥିଲେ। ବିଜେପିର ବରିଷ୍ଠ ନେତା ତ୍ରିଲୋଚନ ଦାଶ, ରାମଚନ୍ଦ୍ର ସାହୁ, ନିରାକାର ଦଳେଇ, ସୁର ବାରିକ, ପଦ୍ମଲୋଚନ ପାଣିଗ୍ରାହୀ, ମନୋଜ ସିଂ, ସୁଧୀର ରଞ୍ଜନ ଚକ୍ର, ଗଗନ ସିଂ, କ୍ଷେତ୍ରବାସୀ ସାହୁ, ନରେନ୍ଦ୍ର ପଣ୍ଡା, ମୁରଲୀଧର ମିଶ୍ର, ଆଇନଜୀବୀ ଜୟନ୍ତ ରାଜ, ଅଜୟ ହୋତା, ରବିନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଶାଳପଡାସ୍ଥିତ ଗରିବ ସେବାସଦନରେ ବିଜେପି ନେତା ଡ. ଶମ୍ଭୁନାଥ ରାଉତଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ଦଳୀୟପତାକା ଉଡ଼ାଇ ବାଣ ଫୁଟାଇବା ସହିତ ପରସ୍ପରକୁ ମିଠା ଖୁଆଇ ଖୁସି ମନାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପଞ୍ଚାନନ ରାଉତ, ସୁମତି ଜେନା, ଗୋଲକ ଜେନା, ଆଇନଜୀବୀ ହେମନ୍ତ ମଲିକ, ମାନସ ସାହୁ, ସନ୍ଦୀପ ଜେନା, ଶିବ ପ୍ରସାଦ ସାହୁ, ଅମର ଦାସ, ହରେକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆନନ୍ଦପୁରର ସମସ୍ତ ପ୍ରେସ୍ ସଂଘ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସାଧାରଣ ଜନତାଙ୍କ ପକ୍ଷରୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରାଯାଇଛି।

## ହାଟଡିହୀରେ ଖୁସିର ଲହରୀ

ହାଟଡିହୀ: କେନ୍ଦୁଝର ମାଟିର ସୁପୁତ୍ର ତଥା ସଦର ବିଧାୟକ ମୋହନ ଚରଣ ମାଝୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବା ନେଇ ଘୋଷଣା ପରେ ହାଟଡିହୀରେ ଖୁସିର ମାହୋଲ ଦେଖାଦେଇଛି। ଆନନ୍ଦପୁରର ବରିଷ୍ଠ ବିଜେପି ନେତା ଆଲୋକ ସେଠୀଙ୍କ ସମେତ ଜିଲ୍ଲା ବିଜେପିର ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତସିଂହାର, ବିବେକାନନ୍ଦ ରାଉତ, ଯୁବନେତା ହରମୋହନ ଶାସିନୀ, ବଳଭଦ୍ର ବାରିକ, ପବିତ୍ର ଧଳ, ଶଶିକାନ୍ତ ରାଉତ, ଅଭିମନ୍ୟୁ ପରିଡ଼ା, ଆଲୋକ ଦାସ, ବଳରାମ ଜେନା, ନାରୀନେତ୍ରୀ ଟିକି କିସ୍କୁ, ଦିପ୍ତିମୟୀ ଖୁଣ୍ଟିଆ, ମିନତୀ ମହାପାତ୍ର, ତୃପ୍ତିମୟୀ ଖୁଣ୍ଟିଆଙ୍କ ସମେତ ଶତାଧିକ ବିଜେପି ପ୍ରେମୀ ହାଟଡ଼ିହୀ ବିଜେପି କାର୍ଯ୍ୟାଳୟ ଠାରେ ଏକତ୍ରିତ ହୋଇ ବାଣ ଫୁଟାଇବା ସହିତ ମିଠା ବଣ୍ଟନ କରି ଖୁବ ଆନନ୍ଦିତ ହୋଇଛନ୍ତି।

## ଉତ୍ସବ ମନାଇଲେ ଚମ୍ପୁଆ ବିଜେପି କର୍ମୀ



**ଚମ୍ପୁଆ:** ଚମ୍ପୁଆ ସଦର ମହକୁମାରେ ବିଜେପି କର୍ମୀମାନେ ବାଣ ଫୁଟାଇ ମିଠା ବାଣ୍ଟି, ରଙ୍ଗ ଖେଳି ଉତ୍ସବ ମନାଇଥିବା ଦେଖିବାକୁ ମିଳିଛି। ମଣ୍ଡଳ ସଭାପତି ରାଜେଶ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ମହାବୀର ଛକ ଠାରେ ପ୍ରାୟ ୨ ଘଣ୍ଟା ଧରି ଏହି ଉତ୍ସବ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ସଂଜୟ ଗିରି, ଉପସଭାପତି ରମେଶ ଚନ୍ଦ୍ର ଗିରି, ଯୁବ ମର୍ଚ୍ଚା ସଭାପତି ଅଭିନୟ ସାହୁ, ପ୍ରଦୀପ ରାଜ, ମହତାବ ଆଲାମ, ରମେଶ ପ୍ରଧାନ, ସିଦ୍ଧାର୍ଥ ସିଂହ, ସଚିନ ଦାସ, ସନ୍ତୋଷ ସାହୁ, ସୁଧିର ସରଦାର, ହବି ଦାସ, ଅବିନାଶ ମିଶ୍ର ସମେତ ପ୍ରାୟ ଶତାଧିକ ବିଜେପି କର୍ମି ଏହି ଉତ୍ସବରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଏହି ସରକାର ସାଧାରଣ ଲୋକଙ୍କ ସରକାର ଭାବେ କାର୍ଯ୍ୟ କରିବେ ବୋଲି ସଂପାଦକ ଶ୍ରୀ ଗିରି ସୂଚନା ଦେଇଛନ୍ତି।

## କର୍ମୀ ଓ ସମର୍ଥକ ମହଲରେ ଖୁସିର ଲହରୀ



**ତୁରୁମୁଙ୍ଗା:** ପାଟଣା ନିର୍ବାଚନ ମଣ୍ଡଳୀ ଜଜପଶି ଗ୍ରାମରେ ବିଜେପି କର୍ମୀମାନେ ନିଜ ନିଜ ମଧ୍ୟରେ ମିଠା ବାଣ୍ଟିବା ସହ ବାଣ ଫୁଟାଇ ପରସ୍ପର ଭାବରେ ଅଲିଙ୍ଗନ କରି ଖୁସି ମନାଇଛନ୍ତି। ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବା ଜିଲ୍ଲା ପାଇଁ ଗର୍ବ ଆଉ ଗୌରବର କଥା ବୋଲି କର୍ମୀମାନେ କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ଜଜପଶିଠାରେ ବରିଷ୍ଠ ବିଜେପି କର୍ମୀ କ୍ଷୀରୋଦ ଚନ୍ଦ୍ର ମହାନ୍ତ, ଅଜିତ ତ୍ରିପାଠୀ, ସତ୍ୟବାନ କର, ଟଙ୍କଧର ମହାନ୍ତ, ନିହାର ରଞ୍ଜନ କର, ବସନ୍ତ ତ୍ରିପାଠୀ, ଶତ୍ରୁଘନ କର, ଧରମାନନ୍ଦ ନାଏକ, ପୁରୁଷୋତ୍ତମ ନାଏକ, ହୃଷୀକେଶ ମହାନ୍ତ, ଡେଭିଡ ମହାନ୍ତ, ଭାସ୍କର ମହାନ୍ତ ପ୍ରମୁଖ ବାଣ ଫୁଟାଇ ପରସ୍ପର ମଧ୍ୟରେ ମିଠା ଖୁଆଇ ଖୁସି ମନାଇଥିଲେ। ସେହିପରି ପାଟଣା ବ୍ଲକ ଛକରେ ବିଜେପି କର୍ମୀ ପ୍ରକାଶ ସେଠୀ, ମୁନା ରଣା, ବିକାଶ କୁମାର ସେଠୀ, ମଧୁ ମହାନ୍ତ, ଧୃତ୍ତୀ ସୁନ୍ଦର ସେଠୀ, ଯୁଧିଷ୍ଠିର ମହାନ୍ତ, ବ୍ରଜମହାନ୍ତ, ମନସୁର ଆଲାମ ପ୍ରମୁଖ ବାଣ ଫୁଟାଇ ଖୁସି ମନାଇ ଥିଲେ।

## ଉତ୍ସବ ମୁଖର ନାରଦପୁର



**ନାରଦପୁର:** କେନ୍ଦୁଝର ଜିଲ୍ଲା ମାଟିର ପୁତ୍ର ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବାକୁ ଯାଉଥିବା ବେଳେ ନାରଦପୁରବାସୀଙ୍କ ଖୁସିର ମାହୋଲ ଦେଖାଦେଇଛି। ଗ୍ରାମବାସୀ ବାଜା ବଜାଇ, ବାଣ ଫୁଟାଇ, ମିଠା ବଣ୍ଟନ କରିଛନ୍ତି। ଏଥିରେ ପୂର୍ବତନ ସରପଞ୍ଚ ସୁଶୀଲ କୁମାର ନାଏକ, ପୂର୍ବତନ ସରପଞ୍ଚ କିଶୋର କୁମାର ନାଏକ, ନିମାଇଁ ଚରଣ ବାରିକ, ରସାନନ୍ଦ ବାରିକ, ସଞ୍ଜୟ କୁମାର ବାରିକ, ଧବଳେଶ୍ୱର ବେହେରା, ହିରାମନ ବାରିକ, ମନମୋହନ ବାରିକ, ଦେବାନନ୍ଦ ବାରିକ, କୁଞ୍ଜ ବିହାରୀ ବାରିକ, ଶ୍ରୀଧର ବାରିକ, ବାସୁଦେବ ବାରିକ, ଚନ୍ଦ୍ରମୋହନ ନାଏକ, ଯୁଧିଷ୍ଠିର ନାଏକଙ୍କ ସମେତ ବିଜେପିର କର୍ମକର୍ତ୍ତା ଏକତ୍ରିତ ହୋଇ ଖୁସି ମନାଇଥିଲେ।

## ବିଭିନ୍ନ ସଂଗଠନ ପକ୍ଷରୁ ପୂଜାର୍ଚ୍ଚନା



**ରାମଚନ୍ଦ୍ରପୁର:** କେନ୍ଦୁଝର ମାଟିର ପୁଅ ମୋହନ ଚରଣ ମାଝୀ ରାଜ୍ୟର ୧୫ତମ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ବେଳେ କେନ୍ଦୁଝର ସୀମାନ୍ତ ରାମଚନ୍ଦ୍ରପୁରଠାରୁ ଜିଲ୍ଲାର କୋଣ ଅନୁକୋଣରେ ଆତସବାଜୀ ଫୁଟିବା ସହ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିବା ଦେଖିବାକୁ ମିଳିଛି। ଗଁପୁର ରଘୁନାଥଜୀୟୁ ପୀଠ, ସାଇଁକୁଳ ସିଦ୍ଧେଶ୍ୱର ମହାଦେବ, ଦେଓଗାଁ କୁଶଳେଶ୍ୱର ମହାଦେବ, ଘଟଗାଁ ମା'ତାରିଣୀ ପୀଠ ସମେତ ବିଭିନ୍ନ ଦେବାଦେବୀ ପୀଠରେ ବିଜେପି କର୍ମୀ ପୂଜାର୍ଚ୍ଚନା କରିବା ସହ ପରସ୍ପରକୁ ମିଠା ଖୁଆଇ ଶୁଭେଚ୍ଛା ଜଣାଇଛନ୍ତି। ଘସିପୁରା ବିଜେପି ବିଧାୟକ ପ୍ରାର୍ଥୀ ଡ.ଶମ୍ଭୁନାଥ ରାଉତ, ଘସିପୁରା ବିଧାନସଭା ସହ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା ବିଜେପି କମର୍ସ ସେଲ ସଂଯୋଜକ ବାଇଧର ଚିନ୍ଦ୍ରା ମୋହନଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

### ଲୋକଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉନି ବିଦ୍ୟୁତ ବିଭାଗ

# ରୋଡ୍ କ୍ରସିଂ ସ୍ଥାନରେ ଦିଆଯାଉନି ଜିଆଇ ଗାର୍ଡିଂ

**ଚମ୍ପୁଆ,୧୧।୬(ସମିସ):** ବିଦ୍ୟୁତ ଦୈନନ୍ଦିନ ଜୀବନ ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ଦିନକୁ ଦିନ ବିଦ୍ୟୁତ ଉପଭୋକ୍ତାଙ୍କ ସଂଖ୍ୟା ବଢିବାରେ ଲାଗିଥିବା ବେଳେ ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟ ବଢିବାରେ ଲାଗିଛି। ମାତ୍ର ବିଦ୍ୟୁତ ବିଭାଗ ପକ୍ଷରୁ ଆବଶ୍ୟକ ସୁରକ୍ଷା ଗ୍ରହଣ କରାନଯାଇ ବିଦ୍ୟୁତ ସଂଯୋଗ ପ୍ରଦାନ କରାଯାଉଥିବା ବେଳେ ଧନଜୀବନ ପ୍ରତି ବିପଦକୁ ନିମନ୍ତ୍ରଣ କରାଯାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ସଦର ମହକୁମାର ମୁଖ୍ୟ ବଜାର ସମେତ ୱାର୍ଡ ଗୁଡିକରେ। ସୂଚନା ଅନୁସାରେ ଚମ୍ପୁଆ ବଜାରରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକୁ ବିଦ୍ୟୁତ ବିଭାଗ ପକ୍ଷରୁ ସଂଯୋଗ ଯୋଗାଇ ଦିଆଯାଇଥିବା ସହିତ ମୁଖ୍ୟ ରାସ୍ତାରେ ବିଦ୍ୟୁତ ତାର ଗୁଡିକ ଟଣାଯାଇଛି। ମାତ୍ର ଟଣାଯାଇଥିବା ବିଦ୍ୟୁତ ତାରର ତଳେ ଜିଆଇ ଗାର୍ଡିଂ ଦେବା ନିହାତି ଆବଶ୍ୟକ ହୋଇପଡିଛି। ଅନେକ ସମୟରେ ବିଦ୍ୟୁତ ତାର ଛିଣ୍ଡିବା ଓ ବିଦ୍ୟୁତ ଖୁଣ୍ଟରେ ନିଆଁ ଲାଗିବା ଦେଖିବାକୁ ମିଳିଥିଲେ ମଧ୍ୟ ବିଦ୍ୟୁତ ବିଭାଗ ଏହାର ମରାମତି କରି ନିଜର କାର୍ଯ୍ୟ ସଂପାଦନ କରୁଥିବା ବେଳେ ଛିଣ୍ଡା ତାର ଯେପରି ଜନଜୀବନ ଉପରେ ନପଡିବ ଏଥିପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁ ନାହିଁ। ବିଶେଷ ଭାବରେ ରିମୁଲି ଠାରୁ ଝାଡଖଣ୍ଡ ଯାଇଥିବା ଜାତୀୟ ରାଜପଥ ଚମ୍ପୁଆ ମୁଖ୍ୟ ବଜାର ଦେଇଯାଇଛି। ଏହି ଜାତୀୟ ରାଜପଥରେ ଶହ ଶହ ଗାଡି ଦ୍ୱାରା ଖଣିଜ ପଥର ପରିବହନ କରାଯାଉଥିବା ବେଳେ ଉଭୟ ରାଜ୍ୟକୁ ସଂଯୋଗ କରୁଥିବାରୁ ସ୍ୱଳ୍ପ ଗାମୀ ଓ ଦୂରଗାମୀ ଯାତ୍ରୀବାହୀ ବସ୍ ଚଳାଚଳ କରୁଛନ୍ତି। ମାତ୍ର ମୁଖ୍ୟ ବଜାରରେ ଟଣାଯାଇଥିବା ବିଦ୍ୟୁତ ତାର ତଳେ ଜିଆଇ ଗାର୍ଡିଂ ନଥିବାରୁ ଏହା ଯେକୌଣସି ମୁହୂର୍ତ୍ତରେ ବିପଦକୁ ଡାକିବାର ସମ୍ଭାବନା ସୃଷ୍ଟି ହୋଇଛି। ବର୍ତ୍ତମାନ ପରିସ୍ଥିତିରେ ଚମ୍ପୁଆ ବଜାର ଏକ ମୁଖ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ଭାବେ ଗଢି ଉଠୁଥିବା ବେଳେ ଦୈନନ୍ଦିନ ହଜାର ହଜାର ଲୋକଙ୍କ ସମାଗମ ହୋଇଆସୁଛି। ପୂର୍ବରୁ ବିଦ୍ୟୁତ ତାର ଛିଣ୍ଡି ତଳେ ପଡିଥିଲେ ମଧ୍ୟ ଜନସାଧାରଣଙ୍କ କୌଣସି କ୍ଷତି ହୋଇନଥିବା ବେଳେ କିଛି ଦିନ ତଳେ ବିଦ୍ୟୁତ ଖୁଣ୍ଟରେ ସ୍ପାର୍କିଂ ଯୋଗୁଁ ନିଆଁ ଲାଗିଥିଲେ ମଧ୍ୟ ଠିକଣା ସମୟରେ ବିଦ୍ୟୁତ ବିଭାଗ ଏହାର ପଦକ୍ଷେପ ନେଇ ସମସ୍ୟାର ସମାଧାନ କରିଥିଲା। ବର୍ତ୍ତମାନ ରୋଡ କ୍ରସ କରାଯାଇଥିବା ବିଦ୍ୟୁତ ତାର ତଳେ ଜିଆଇ ଗାର୍ଡିଂ ଦେବାର ଅତ୍ୟନ୍ତ ଆବଶ୍ୟକ ହୋଇପଡିଥିବା ବେଳେ ଏନେଇ ବିଭାଗୀୟ ଯନ୍ତ୍ରୀ ଜ୍ଞାନରଞ୍ଜନ ମହାରଣାଙ୍କୁ ଯୋଗାଯୋଗ କରିବାରୁ କହିଛନ୍ତି ଯେ ମୁଁ ଏ ସମସ୍ୟା ପ୍ରତି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିସାରିଛି। ଆଶା ଖୁବ ଶିଘ୍ର ଏହାର ସାମାଧାନ କରାଯିବ ବୋଲି ସୂଚନା ଦେଇଛନ୍ତି।



# ମୌଳିକ ସୁବିଧାରୁ ବହୁ ଦୂରରେ

# ସହର ଭିତରେ ଗାଁ ସର୍ଗିତଳିଆ

ଯୋଡା,୧୧।୬(ସମିସ)





ଖଣି ପ୍ରାଚୁର୍ଯ୍ୟ ଭରା ଯୋଡ଼ା ସହର ୧୪ଟି ୱାର୍ଡକୁ ନେଇ ଏକ ପୌରପାଳିକା ଗଠିତ। ତେବେ ଏହି ପୌରପାଳିକା ଭିତରେ ରହିଛି ଏକ ନିପଟ ଗାଁ ନାଁ ତାର ସର୍ଗିତଳିଆ। ସହର ଠାରୁ ୪କିମି ଦୂରରେ ଅବସ୍ଥିତ ଏହି ଗାଁକୁ ଯିବାକୁ ହେଲେ ୨କିମି ଜଙ୍ଗଲ ରାସ୍ତା ଦେଇ ଯିବାକୁ ପଡିଥାଏ। ଏକ ଶାଳ ଜଙ୍ଗଲ ଭିତରେ ଗାଁଟି ଅବସ୍ଥିତ ଥିବା ବେଳେ ଆଦିବାସୀ ଭାଷା ଅନୁଯାୟୀ ଶାଳ ଗଛକୁ ସର୍ଗି କୁହାଯାଉଥିବାରୁ ବୋଧେ ଏହି ଗାଁଟିର ନାମ ସର୍ଗିତଳିଆ ରଖାଯାଇଛି। ଯେଉଁଠି ମୌଳିକା ସୁବିଧା ଅପହଞ୍ଚ ହୋଇପଡିଛି। ୧୩ନଂ ୱାର୍ଡରେ ଅବସ୍ଥିତ ଏହି ଗାଁଟିରେ କିଛି ଆଦିବାସୀ ପରିବାରଙ୍କୁ ନେଇ ତିନୋଟି ସାହି ଗଠିତ। ଏହି ଗାଁଟିର ଲୋକ ସଂଖ୍ୟା ଶହେରୁ ଉର୍ଦ୍ଧ୍ୱ ହେବ। ଯୋଡ଼ା ପୌରପାଳିକା ଠାରୁ ୪ କିମି ଦୂରରେ ଅବସ୍ଥିତ ଏହି ଗାଁଟିର ଲୋକେ ଆଜି ପର୍ଯ୍ୟନ୍ତ ବିଜୁଳି ଆଲୁଅ ଦେଖିପାରିନାହାନ୍ତି। ପିଇବା ପାଣି ପାଇଁ ନିକଟରେ ପ୍ରବାହିତ ବୈତରଣୀ ନଦୀ କୂଳରେ ଚୂଆ ଖୋଳି ଏହାର ପାଣିକୁ ସେମାନେ ବ୍ୟବହାର କରିଥାନ୍ତି। ସ୍ନାନ, ଶୌଚ ଆଦି ନିମନ୍ତେ ସେମାନେ ବୈତରଣୀ ନଦୀ ଉପରେ ନିର୍ଭର କରିଥାନ୍ତି। ସଞ୍ଜ ନଇଲେ ଗାଁରେ ବିଜୁଳି ଆଲୁଅ ନଥିବାରୁ ବନ୍ୟପ୍ରାଣୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥାଏ। ଫଳରେ ଲୋକଙ୍କ ଘରେ ତାଟି କବାଟ ପଡିଯାଇଥାଏ। ଏହି ଗାଁ ଅଧିବାସୀମାନେ ସାଧାରଣ ପଶୁପାଳନ ଓ କୃଷି ଉପରେ ଜୀବନ ଧାରଣ ନିମନ୍ତେ ନିର୍ଭର କରିଥାନ୍ତି। ଗାଁଟିର ଠିକ୍ ଉପରେ ଏକ ବହୁରାଷ୍ଟ୍ରୀୟ ଖଣି କମ୍ପାନୀ ରହିଛି। ରାତି ଦିନ ହଜାର ହଜାର ମେଟ୍ରିକ ଟନ୍ ଲୁହାପଥର ଖୋଳାଯାଇ ବାହାରକୁ ରପ୍ତାନୀ କରାଯାଉଛି। ଉପର ଖଣି ଇଲାକା ଝଲ ମଲ ଉଜ୍ଜ୍ୱଳ ଆଲୋକରେ ଝଲସୁଥିବା ବେଳେ ଦୀପ ତଳ ଅନ୍ଧାର ଭଳି ଏହି ଅଧିବାସୀମାନଙ୍କ ଜୀବନ ଧାରଣର ଏତେ ନିମ୍ନମାନର ଯେକେହି ଦେଖିଲେ ଏ ଖଣି ସହିତ ସେମାନଙ୍କର ଦୂରଦୂରାନ୍ତ ପର୍ଯ୍ୟନ୍ତ ସମ୍ପର୍କ ନଥିବା ବେଶ ହୃଦ୍‌ବୋଧ କରିହୁଏ। ଗାଁରେ ଖୁଣ୍ଟ ପଡିଛି, ତାର ଲାଗିଛି; ହେଲେ ବିଜୁଳି ସଂଯୋଗ ନାହିଁ। ବାରମ୍ବାର ଏ ସଂକ୍ରାନ୍ତରେ ଖବର ପ୍ରକାଶ ପରେ ଏକ ଘରୋଇ କମ୍ପାନୀ ସେଠାରେ ସୋଲାର ପମ୍ପ ମାଧ୍ୟମରେ ଗାଁର କିଛି ଅଂଶକୁ ଜଳଯୋଗାଣ କରିଛନ୍ତି। କିନ୍ତୁ ଏହା ଅଧିକାଂଶ ସମୟରେ ଅଚଳ ହୋଇପଡୁଥିବାରୁ ଏଥିରୁ ଗ୍ରାମବାସୀ ଉପକୃତ ହୋଇପାରୁନାହାନ୍ତି। ଗାଁଟିରେ ତିନୋଟି ନଳ କୂପ ଥିବା ବେଳେ କେଉଁ କାଳରୁ ୨ଟି ନଳକୂପ ଅଚଳ ହୋଇପଡିଛି। ଚାଲୁ ରହିଥିବା ନଳକୂପଟିରେ ଲୁହା କଳଙ୍କି ଲଗା ପାଣି ବାହାରୁଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ। ଏହି ଗାଁଟିରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଥିଲା। ତେବେ ଛାତ୍ର ସଂଖ୍ୟା କମିବାରୁ ସରକାରଙ୍କ ନିୟମ ଅନୁଯାୟୀ ଏହି ବିଦ୍ୟାଳୟଟିକୁ ବନ୍ଦ କରିଦିଆଯାଇଛି। ଫଳରେ ପିଲାମାନେ ୧ କିମି ଦୂରରେ ଥିବା ଖୁଣ୍ଟପାଣି ପ୍ରାଥମିକ ବିଦ୍ୟାଳୟକୁ ପାଠପଢିବାକୁ ଯିବାକୁ ବାଧ ହେଉଛନ୍ତି। ଏହି ଗାଁଟିରେ ତିନୋଟି ସାହି ଥିବା ବେଳେ ମାତ୍ର ୨ଟି ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଛି। ଗାଁଟିରେ ଅନେକ ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇନାହିଁ। ସରକାରଙ୍କ ବିଭିନ୍ନ ସୁବିଧା ବାର୍ଦ୍ଧକ୍ୟ, ବିଧବା, ବିକଳାଙ୍ଗ ଭତ୍ତାରୁ ମଧ୍ୟ ଗାଁଟିର ଅନେକ ଲୋକ ଏବେବି ବଞ୍ଚିତ ହୋଇ ରହିଛନ୍ତି।





## ସେମାନେ ଯାହା କୁହନ୍ତି...



ମୁଁ ବିବାହ ହୋଇ ଏହି ଗାଁକୁ ଆସିବା ପରଠାରୁ ଏହି ଗାଁରେ ଲାଗିରହିଥିବା ବିଭିନ୍ନ ସମସ୍ୟାକୁ ଦେଖିଆସୁଛି। ପିଇବା ପାଣି ପାଇଁ ଆମେ ନିକଟସ୍ଥ ବୈତରଣୀ କୂଳରେ ଚୂଆ ଖୋଳି ଦୈନିକ ସକାଳେ ଓ ସଞ୍ଜରେ ପାଣି ସଂଗ୍ରହ କରି ଶୋଷ ମେଣ୍ଟାଇ ଥାଉ। ସ୍ନାନ, ଶୌଚାଦୀ ପାଇଁ ବୈତରଣୀ ନଦୀ ଉପରେ ଆମକୁ ନିର୍ଭର କରିବାକୁ ପଡିଥାଏ। ବର୍ଷା ହେଲେ ପିଇବା ପାଣି ପାଇଁ ଆମେ ଖୁବ ଅସୁବିଧାର ସମ୍ମୁଖିନ ହୋଇଥାଉ। କିଟିମିଟି ଅନ୍ଧାର ଯୋଗୁଁ ଆମ ପିଲାମାନେ ଠିକ୍ ଭାବେ ପାଠ ପଢିପାରୁନାହାନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଆମ କଥା ଆଜି ଯାଏଁ ବୁଝିନାହାନ୍ତି।

**ସଞ୍ଜୁଲତା ମୁଣ୍ଡା, ଗ୍ରାମବାସୀ**



ଆମ ଗ୍ରାମରେ ମୁଖ୍ୟତଃ ବିଜୁଳି, ପାଣିର କୌଣସି ସୁବିଧା ନଥିବା ସହିତ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଆମ ଗାଁର ଚାରି ପାଖରେ ଖଣି ସଂସ୍ଥା ଥିଲେ ମଧ୍ୟ ଆମକୁ ସେଥିରେ ନିଯୁକ୍ତି ମିଳିପାରୁନାହିଁ। ଫଳରେ ଆମମାନଙ୍କର ଜୀବିକା ନିର୍ବାହ ନିମନ୍ତେ ଚାଷ ଓ ପଶୁ ପାଳନ ମୁଖ୍ୟ ମାଧ୍ୟମ ପାଲଟିଛି। ଗାଁରେ ବିଜୁଳି ଆଲୁଅ ନିମନ୍ତେ ବର୍ଷ ବର୍ଷ ଧରି ଖୁଣ୍ଟ ପଡିଛି, ହେଲେ ବିଜୁଳି ସଂଯୋଗ ଦିଆଯାଉନାହିଁ। ସ୍ଥାନୀୟ କାଉନସିଲରଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ।

**ଦାଶରାମ ମୁଣ୍ଡା, ଗ୍ରାମବାସୀ**



ଏହି ଗାଁକୁ ବିଜୁଳି ଆଲୁଅ ସଂଯୋଗ ଆମେ ବାରମ୍ବାର ଚେଷ୍ଟା କରିଛୁ। ଏହି ଗ୍ରାମରେ ଏକ ଟ୍ରାନ୍ସଫର୍ମର ବସାଇ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଉଦ୍ୟମ କରାଯାଇଥିବା ବେଳେ ଜଙ୍ଗଲ ବିଭାଗ ପକ୍ଷରୁ ଏହା ହାତୀମାନଙ୍କ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ଏଥିରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ସଂଯୋଗ ନିମନ୍ତେ ବନ ବିଭାଗ ଅନୁମତି ପ୍ରଦାନ କରାଯାଇପାରୁନାହିଁ। ସେହିପରି ବିଦ୍ୟୁତ୍ ନଥିବାରୁ ସୋଲାର ଚାଳିତ ପମ୍ପ ଅଧିକାଂଶ ସମୟରେ ଅଚଳ ହୋଇପଡୁଥିବାରୁ ପାନୀୟ ଜଳ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି। ଏ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି ମୁଖ୍ୟ ପ୍ରସଙ୍ଗ ରହିଥିବା ବେଳେ ଏହାର ସମାଧାନ ନିମନ୍ତେ ଆମେ ଯଥେଷ୍ଟ ଚେଷ୍ଟା ଚଳାଇଆସୁଛୁ।

**ଚର୍ଚ୍ଚିଲ ମହାକୁଡ଼, ସ୍ଥାନୀୟ ନେତା**



ଯେହେତୁ ସର୍ଗିତଳିଆ ଗ୍ରାମଟିର ଚତୁପାର୍ଶ୍ୱରେ ଜଙ୍ଗଲ ରହିଛି; ତେଣୁ ଜଙ୍ଗଲ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଅନୁମତି ମିଳିପାରୁନାହିଁ। ନିକଟରେ ନିର୍ବାଚନ ଆଚରଣ ବିଧି ଯୋଗୁଁ ଏ ଅଞ୍ଚଳରେ ବିଦ୍ୟୁତ ସୁଧାର ପାଇଁ କୌଣସି କାର୍ଯ୍ୟ କରାଯାଇପାରିନଥିଲା। ତେବେ ଆଗାମୀ ଦିନରେ ଏଠାରେ ସୌରଚାଳିତ ବିଦ୍ୟୁତ୍ ସଂଯୋଗ ନିମନ୍ତେ ଆମେ ଯୋଜନା ରଖିଛୁ ଏବଂ ଏହାକୁ ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ।

**ମନୋରଞ୍ଜନ ଜେନା,**
ଅତିରିକ୍ତ ସାଧାରଣ ପରିଚାଳକ
(ଏଜିଏମ୍), ବିଦ୍ୟୁତ୍ ବିଭାଗ, ଯୋଡ଼ା।



ମୁଁ ନୂତନ ଭାବେ ଯୋଡ଼ା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗଦେଇଛି। ପ୍ରଥମ ଥର ମୁଁ ଆପଣଙ୍କ ମାଧ୍ୟମରେ ଗାଁରେ ଲାଗିରହିଥିବା ସମସ୍ୟା ସମ୍ପର୍କରେ ଜାଣିବାକୁ ପାଇଲି। ଗ୍ରାମବାସୀଙ୍କ ପକ୍ଷରୁ କୌଣସି ଅଭିଯୋଗ ଏଯାବତ ମୋ ପାଖରେ ପହଞ୍ଚିନାହିଁ। ତେବେ ଗାଁରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଁ ବ୍ୟକ୍ତିଗତ ଭାବେ ଅନୁଧ୍ୟାନ କରି ଖୁବଶୀଘ୍ର ଏହାର ସମାଧାନ କରିବାକୁ ଚେଷ୍ଟା କରିବି।

**-ଉମେଶ ଚନ୍ଦ୍ର ସାହୁ,**
**ପୌର ନିର୍ବାହୀ ଅଧିକାରୀ**

## ବ୍ୟାଙ୍କରେ ବିଦ୍ୟୁତ୍ ଅଘଟଣ; ୨ ଆହତ

**ହାଟଡ଼ିହୀ,୧୧।୬(ସମିସ):** ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ବଞ୍ଚୋ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ସୋମବାର ବିଦ୍ୟୁତ ଅଘଟଣରୁ ୨ଜଣ ଆହତ ହୋଇଥିବା ଜଣାଯାଇଛି। ବାହାରେ ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳି ସକାଶେ କିଛି ବରିଷ୍ଠ ନାଗରିକ ବ୍ୟାଙ୍କ ଭିତରକୁ ଯାଇଥିଲେ ସୁଦ୍ଧା ସେଠାରେ ଫ୍ୟାନ ସୁବ୍ୟବସ୍ଥା ନଥିବାରୁ ଅଧିକାଂଶ ଅଣନିଶ୍ୱାସୀ ହୋଇପଡିଥିଲେ। ଏନେଇ ଗ୍ରାହକମାନେ ପାଟିତୁଣ୍ଡ କରିବାରୁ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଏକ ଛିଣ୍ଡା ତାରରେ ଫ୍ୟାନ୍ ଲଗାଇ ଦେଇଥିଲେ। ଏହି ଛିଣ୍ଡା ତାର ସଂସ୍ପର୍ଶରେ ଆସି ବଞ୍ଚୋ ଗ୍ରାମର ନାରାୟଣ ମାଝୀ ଓ କରଗୋଳା ଗ୍ରାମର ସୁରୀ ଜେନା ନାମକ ୨ଜଣ ଗ୍ରାହକ ଆହତ ହୋଇଥିଲେ। ଅନ୍ୟ ଗ୍ରାହକମାନେ ସେମାନଙ୍କୁ ଉଦ୍ଧାର କରି ସୁସ୍ଥ କରିଥିଲେ। ଏନେଇ କିଛି ସମୟ ପାଇଁ ବ୍ୟାଙ୍କ୍ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଭଳି ଅବ୍ୟବସ୍ଥା ଉପରେ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାହକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କର ଶାଖା ପରିଚାଳକଙ୍କୁ ପଚାରିବାରୁ ବ୍ୟାଙ୍କର ନବୀକରଣ କାର୍ଯ୍ୟ ଚାଲିଛି। ପିଏମ୍ କିଷାନ ରାଶି ଗ୍ରାହକଙ୍କ ଖାତାକୁ ଆସିଥିବାରୁ ଆଗକୁ ରଜପର୍ବ ପାଇଁ ଏକାବେଳେ ୨ଶହରୁ ଉର୍ଦ୍ଧ୍ୱ ଲୋକ ବ୍ୟାଙ୍କକୁ ଆସିଯିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ଅବ୍ୟବସ୍ଥାକୁ ତୁରନ୍ତ ସମାଧାନ କରି ଗ୍ରାହକମାନଙ୍କୁ ସେବା ଯୋଗାଇ ଦିଆଯାଇଛି ବୋଲି ସେ କହିଛନ୍ତି।

## ସାଙ୍ଗ ସହ ବଚସା ପରେ ଯୁବକଙ୍କ ଆତ୍ମହତ୍ୟା

**ଯୋଡା,୧୧।୬(ସମିସ):** ଯୋଡା ଥାନା ଅନ୍ତର୍ଗତ ଆଜଦବସ୍ତିର ଶିବଶଙ୍କର ମହାକୁଡ (୨୩) ନାମକ ଜଣେ ଯୁବକ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଯୋଡ଼ା ଥାନାରେ ଅଭିଯୋଗ ହୋଇଛି। ତାଙ୍କ ବାପା କହ୍ନେଇ ମହାକୁଡଙ୍କ ଅଭିଯୋଗ ମୁତାବକ ସୋମବାର ଅପରାହ୍ନରେ ତାଙ୍କର ପୁଅ ଶିବଶଙ୍କର ତାଙ୍କ ଜଣେ ସାଙ୍ଗ ବିକି ସହିତ ପାଟି ତୁଣ୍ଡ ହୋଇଥିବା ସେ ତାଙ୍କୁ ଜଣାଇଥିଲେ। ରାତିରେ ଶିବଶଙ୍କର ଖାଇ ସାରି ରୁମରେ ଶୋଇଥିଲା। ବିଳମ୍ବିତ ରାତିରେ ବିକି ଓ ତାଙ୍କର କେତେ ଜଣ ସାଙ୍ଗ ଘରକୁ ଆସି ଶିବ ଶୋଇଥିବା ଘରକୁ ଟର୍ଚ୍ଚ ମାରି ତାକୁ ଡାକିଥିଲେ, ତେବେ ସେ କବାଟ ଖୋଲିନଥିଲା। ମଙ୍ଗଳବାର ସକାଳେ ଉଠିବା ପରେ ବହୁ ସମୟ ଧରି ଶିବ ଶୋଇଥିବା ଘରର କବାଟ ଖୋଲିନଥିଲା। ଫଳରେ ଶିବଙ୍କ ବାପା ପଡୋଶୀଙ୍କୁ ଡାକି କବାଟ ଭାଙ୍ଗି ଶିବଶଙ୍କର ବେକରେ ରଶି ଲଗାଇ ଝୁଲୁଥିବାର ଦେଖିବାକୁ ପାଇଥିଲେ। ତେବେ ଘରର ପରଦାକୁ ଛିଣ୍ଡାଇ ଶିବ ରଶି ଲଗାଇଥିବା ଜଣାପଡିଥିଲା। ଏ ନେଇ ମଙ୍ଗଳବାର ସକାଳେ ପୁଲିସକୁ ଜଣାଇବାକୁ ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଶିବ ଶଙ୍କରଙ୍କ ସାଙ୍ଗ ବିକି ଏବଂ ତାଙ୍କ ସହଯୋଗୀମାନଙ୍କୁ ପୁଲିସ ତଦନ୍ତ ପରିସରଭୁକ୍ତ କରିବ ବୋଲି ଜଣାପଡିଛି।

## ହଦଗଡ଼ ପଞ୍ଚାୟତ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ହାଟଡ଼ିହୀ,୧୧।୬(ସମିସ): ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ନୂତନ ବିଧାୟକ ଅଭିମନ୍ୟୁ ସେଠୀ ବିଜୟୀ ପରେ ପ୍ରଥମ କରି ଆଜି ପୂର୍ବାହ୍ନରେ ହଦଗଡ଼ ପଞ୍ଚାୟତ ଠାରେ ପହଞ୍ଚିଥିଲେ। ସରପଞ୍ଚ ନିରୁପମା ନନ୍ଦି, ପୂର୍ବତନ ସରପଞ୍ଚ ମଦନମୋହନ ନନ୍ଦି, ଅଭିମନ୍ୟୁ ନାଏକ, ନାଏବ ସରପଞ୍ଚ ସୁଶୀଲ ନାଏକ ପ୍ରମୁଖଙ୍କ ସଂଯୋଜନାରେ ସ୍ୱାଗତ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେଡି କର୍ମୀ ଅଭୟ ରାଉତ, ବିଜୟ ଶତପଥୀ, ବ୍ରହ୍ମାନନ୍ଦ ଉପାଧ୍ୟାୟ, ଗିରିଧାରୀ ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି ପଞ୍ଚାୟତ ପକ୍ଷରୁ ବିଧାୟକ ଅଭିମନ୍ୟୁ ସେଠୀଙ୍କୁ ସ୍ୱାଗତ ଜଣାଇଥିଲେ।

## କେଶଦୁରାପାଳ ପାଣି ପମ୍ପରେ ମଟର ଲାଗିଲା

ଆନନ୍ଦପୁର,୧୧।୬(ସମିସ): ଘସିପୁରା ବ୍ଲକ କେଶଦୁରାପାଳ ଗ୍ରାମରେ ଚାରି ଦିନ ତଳେ କାଳବୈଶାଖୀ ଓ ବଜ୍ରପାତ ହୋଇ ପମ୍ପ ହାଉସର ମଟର ଖରାପ ହୋଇ ଯାଇଥିବାରୁ ସାଧାରଣ ଲୋକମାନେ ପିଇବା ପାଣି ପାଇଁ ହଇରାଣ ହେଉଥିଲେ। ଏହି ଖବର ବିଧାୟକ ବଦ୍ରିନାରାୟଣ ପାତ୍ର ଜାଣିବା ପରେ ତୁରନ୍ତ ମଟର ଲଗାଇବା ପାଁଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ଆଜି ମଟର ଲାଗିବା ପରେ ପଞ୍ଚାୟତବାସୀ ଘସିପୁରା ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।



## ଦୂରଦର୍ଶନରେ ପାଲା ପରିବେଷଣ କଲେ ଯୁବ ଗାୟକ



**ଆନନ୍ଦପୁର,୧୧।୬(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ମଛାଲୋ ପନଚାୟତ ର ସୁନାମଧନ୍ୟ ପାଲା ଗାୟକ ଦୁଷ୍ମନ୍ତ କୁମାର ମହାନ୍ତି ଓ ସାଥୀଙ୍କ ଦ୍ୱାରା ଦୂରଦର୍ଶନରେ ପାଲା ପରିବେଷଣ କରି ପ୍ରଶଂସିତ ହୋଇଥିବା ଜଣାଯାଇଛି। ମଛାଲୋ ପଞ୍ଚାୟତ ସୁନାମଧନ୍ୟ ପାଲା ଗାୟକ ଦୁଷ୍ମନ୍ତ କୁମାର ମହାନ୍ତି, ବାୟକ ବେଣୁଧର ପଣ୍ଡା, ପାଳିଆ ବଳରାମ ନାୟକ, ଭଗବାନ ବେହେରା, ବିଷ୍ଣୁପ୍ରସାଦ ବେହେରା, ସୁରେନ୍ଦ୍ର ଓଝା ପ୍ରମୁଖ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରରେ 'ଭକ୍ତ ଓ ଭଗବାନ' ଓ ସୁବର୍ଣ୍ଣ ସୀତା ଦୁଇଟି ବିଷୟରେ ପାଲା ପରିବେଷଣ କରିଥିବା ବେଳେ ସେ ବିଭିନ୍ନ ଜିଲାରେ ପାଲା ପରିବେଷଣ କରି ବହୁ ପ୍ରତିଷ୍ଠିତ ମଞ୍ଚରେ ପ୍ରଶଂସିତ ହୋଇଅଛନ୍ତି।

## ରଜ ମହୋତ୍ସବ ପାଇଁ କେନ୍ଦୁଝରର ରାଣୀଙ୍କୁ ନିମନ୍ତ୍ରଣ

**ପାଟଣା,୧୧।୬(ସମିସ):** ପାରମ୍ପରିକ ଗଣପର୍ବ ଭାବେ ରଜପର୍ବଟିକୁ ଓଡିଆମାନେ ଖୁବ ଆଡମ୍ବର ସହକାରେ ପାଳନ କରାଯାଉଥିବା ବେଳେ ଏହା ପାଟଣାର ବିଭିନ୍ନ ଅଞ୍ଚଳରେ ବେଶ ଧୁମଧାମରେ ପାଳନ କରାଯାଇଥାଏ। ରାଜପର୍ବଟିକୁ ପାଳିବା ନେଇ ବିଭିନ୍ନ ସ୍ଥାନରେ ଖାଇଦୋଳି, ପଟାଦୋଳି, ଦଉଡି ଦୋଳି, ଚକିରି ଦୋଳି ଖେଳିବା ପାଇଁ ପ୍ରସ୍ତୁତ କରାଯାଇଥାଏ। ଏହି ଦୋଳି ଖେଳିବା ପାଇଁ ସଭିଙ୍କ ମନରେ ଉତ୍ସାହ ଭରି ରହିଥାଏ। ଘରେ ଘରେ ପିଠା ପଣା ଓ ଆମ୍ବ ପଣସର ଆଶାର ଜମିଥାଏ। ରଜ ପର୍ବଟିକୁ ପାଟଣା ଅଞ୍ଚଳର ଏକ ପାରମ୍ପରିକ ପର୍ବ, ରଜ ପର୍ବରେ ଘରେ ଘରେ ପୋଡ଼ ପିଠା ଓ ପାନ ଖିଆ, ସହିତ ଝିଅ ମାନଙ୍କର ରଜ ଦୋଳି ପୁଚି ଖେଳ ସହ ପୁଅମାନଙ୍କର ଲୁଡୁ, ତାସ୍ ବାଗୁଡି ଆଦି ଖେଳ ସହିତ ଏହି ଦିନଟିକୁ ବେଶ ଧୁମଧାମରେ ପାଳନ କରି ଆସୁଛନ୍ତି। ଆସନ୍ତା ୧୪ରୁ ୧୭ତାରିଖ ପର୍ଯ୍ୟନ୍ତ କେନ୍ଦେଇପଶି ଖେଳପଡିଆରେ ହେବାକୁ ଥିବା ରଜ ମହସ୍ତବ କାର୍ଯ୍ୟକ୍ରମରେ ଯୋଗ ଦେବାକୁ କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ ଏବଂ ନବନିର୍ବାଚିତ ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ବହୁ ମାନ୍ୟଗଣ ବ୍ୟକ୍ତି ବିଶେଷ ଯୋଗ ଦେବେ ବୋଲି କାର୍ଯ୍ୟକ୍ରମ ରହିଛି। ଆଜି କେନ୍ଦେଇପଶି ରଜ କମିଟି ସଭାପତି ଅଶୋକ କୁମାର ସାହୁ, ଯୋଗଗୁରୁ ଦିବ୍ୟଲୋଚନ ସାହୁ, ସମାଜସେବୀ ମିତ୍ରଭାନୁ ନାଏକ, ଆର୍ତ୍ତତ୍ରାଣ ସାହୁ, ସୁମନ୍ତ ବେହେରା, ବିଜୟ କୁମାର ମହାନ୍ତ ପ୍ରମୁଖ କେନ୍ଦୁଝର ରାଣୀଙ୍କ ବସଭବନକୁ ଯାଇ ନିମନ୍ତ୍ରଣ ପତ୍ର ଦେଇଛନ୍ତି।



## ଶ୍ରୀଜଗନ୍ନାଥ ନୃତ୍ୟ ଏକାଡେମୀ ସମ୍ମାନିତ




**ଚମ୍ପୁଆ,୧୧।୬(ସମିସ):** ଭୁବନେଶ୍ୱରସ୍ଥିତ ନୃତ୍ୟକଳା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ଆନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ ''ପଦଧ୍ୱନି'ରେ ଚମ୍ପୁଆର ଶ୍ରୀଜଗନ୍ନାଥ ନୃତ୍ୟ ଏକାଡେମୀ ଅଂଶଗ୍ରହଣ କରି ସମ୍ମାନିତ ହୋଇଛି। ଅନୁଷ୍ଠାନକୁ ''ପଦଧ୍ୱନି ନୃତ୍ୟ ମାଧୁର୍ଯ୍ୟ' ସମ୍ମାନରେ ସମ୍ମାନୀତ କରାଯାଇଛି। ଏହି ଅନୁଷ୍ଠାନର କୁନିକୁନି କଳାକାର ସୁଚିସ୍ମିତା ମହାକୁଡ଼, ପୁଷ୍ପାଞ୍ଜଳି ମହାନ୍ତ, ପ୍ରୀତିଝା ରାଜ, ସାକ୍ଷୀ ଗୁପ୍ତା, ଖୁସିରାଣୀ ଛାତ୍ର, ସାଇ ଶର୍ମିଷ୍ଠା ସାହୁ ଓ ଦେବସ୍ମିତା ମହାନ୍ତ ପ୍ରମୁଖ ଉଚ୍ଚକୋଟିର ନୃତ୍ୟ ପ୍ରଦର୍ଶନ କରି ଉପସ୍ଥିତ ଜନତା ଓ ଅତିଥିମାନଙ୍କ ମନ ମୋହିଥିଲେ। ଗୁରୁ ଦେବସ୍ମିତା ଦାଶ ମଧ୍ୟ ଏହି ପଦଧ୍ୱନି ନୃତ୍ୟ ପ୍ରତିଯୋଗିତାରେ ''ଶ୍ରେଷ୍ଠ ଗୁରୁ ସମ୍ମାନରେ' ସମ୍ମାନିତ ହୋଇଅତିଥିଙ୍କ ଠାରୁ ଉତ୍ତରୀୟ ଓ ପ୍ରଶଂସାପତ୍ର ସାଉଁଟିଛନ୍ତି। ଅତିଥି ଭାବେ ନୃତ୍ୟ ଗୁରୁ ମୋନାଲିସା ସାମନ୍ତରାୟ, ଅରୂପା ଗାୟତ୍ରୀ ପଣ୍ଡା, ବାଦ୍ୟଗୁରୁ ତାରେଣୀ ପ୍ରସାଦ ଦାସ୍, ସଙ୍ଗୀତ ଗୁରୁ ଦିବ୍ୟପ୍ରସାଦ ପଟ୍ଟନାୟକ, ମନୋଜ କୁମାର ତ୍ରିଲୋଚନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ରାଜଧାନୀ ଭଞ୍ଜ କଳା ମଣ୍ଡପରେ ଅନୁଷ୍ଠିତ ଏହି ନୃତ୍ୟ ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର ୨୦୦ରୁ ଉର୍ଦ୍ଧ୍ୱ କଳାକାର ଅଂଶ ଗ୍ରହଣ କରିଥିଲେ।

## ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ କେନ୍ଦୁଝର ଛାତ୍ରଛାତ୍ରୀଙ୍କ କୃତିତ୍ୱ

ଯୋଡ଼ା,୧୧।୬(ସମିସ)



କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିଅମ ଠାରେ ଅନୁଷ୍ଠିତ ତୃତୀୟ ରରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀମାନେ ଚିତାକର୍ଷକ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲାରୁ ତାଏକ୍ୱୋଣ୍ଡୋ ସଂଘ ପକ୍ଷରୁ ୩୦ଜଣ ପ୍ରତିଯୋଗୀ ଯୋଗଦେଇଥିଲେ। ସେଥି ମଧ୍ୟରୁ ୨୪ଜଣ ପ୍ରତିଯୋଗୀ ଫାଇଟ ଓ ପୁମସେକ୍ଷହ ସ୍ୱର୍ଣ୍ଣ, ରୌପ୍ୟ ଓ କାଂଶ୍ୟ ପଦକ ପାଇ ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି। ଜିଲ୍ଲା ପାଇଁ ୬ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୧୧ଟି କାଂଶ୍ୟ ପଦକ ମିଳିଥିବା ବେଳେ ଯୋଡା ପାନ୍ଥର୍ସ ସ୍କୁଲ ଅଫ୍ ତାଏକ୍ୱୋଣ୍ଡୋ ଛାତ୍ରଛାତ୍ରୀଙ୍କୁ ଉତ୍ତମ ପ୍ରଦର୍ଶନ ନିମନ୍ତେ ୧ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୩ଟି କାଂଶ୍ୟ ପଦକ ମିଳିଥିବା ଜଣାପଡିଛି। ଜିଲ୍ଲାର ସ୍ୱର୍ଣ୍ଣ ବିଜେତାମାନେ ହେଲେ ସମର୍ପିତା ଭଟ୍ଟାଚାର୍ଯ୍ୟ, କନଶିକା ନାଏକ, ଗୁନଗୁନ ଅନସୁକା ମହାନ୍ତ, ଅଜସ୍ୱୀ ସାହୁ, ହ୍ରିତିକା ମିଶ୍ର, ଲୋପାମୁଦ୍ରା ପଣ୍ଡା। ସେହିପରି ରୌପ୍ୟରେ ଏଞ୍ଜେଲିନା ପ୍ରଧାନ, ଶିବାଙ୍ଗି ଏସ୍ଏନ ଦାସ, ପ୍ରଭାସ ଶେଖର ସାଓ, ଅତିଶ କୁମାର ଦେଓ, ଅର୍ଜୁନ ମଧୁସୁଧନ ରାଉତ, ଅଭିସ୍ମିତା ପଟ୍ଟନାୟକ, ସାରାଂଶ ବସା ଏବଂ କାଂଶ୍ୟରେ ପଲ୍ଲବୀ କ୍ରିତିକ୍ରିଷ୍ଣା ଚକ୍ର, ସମର୍ପଣ ଭଟ୍ଟାଚାର୍ଯ୍ୟ, ପ୍ରୀତିପ୍ରଜ୍ଞା ରାଉତ, ଶୁଭମ ମୁଣ୍ଡା, ଅର୍ନବ ମିଶ୍ର, ରୀତୁରାଜ ମହାରଣା, ଅଭିସ୍ମିତା ପଟ୍ଟନାୟକ, ଲଳିତ ପ୍ରସାଦ ଜେନା। ଏହି ପ୍ରତିଯୋଗିତାରେ କଡା ମୁକାବିଲାର ସମ୍ମୁଠିଖିନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଦେଇଥିବାରୁ କେନ୍ଦୁଝର ଜିଲ୍ଲା ତାଏକ୍ୱୋଣ୍ଡେ ସଂଘର ସଭାପତି ତଥା ସଦର ବିଧାୟକ ମୋହନ ଚରଣ ମାଝୀ ସଂଘର କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ଦଳ କିପରି ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିପାରିବ ସେଥିପାଇଁ ସେ ଧ୍ୟାନ ଦେବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ, ଏହି ସଫଳତା ପଛରେ କୋଚ ଅଜୟ କୁମାର ପୃଷ୍ଟି, ସୁନିଲ କୁମାର ମାହନ୍ତ, ବିଭୁଜ୍ୟୋତି ଦାସ, ମାଷ୍ଟର ମଧୁସୁଦନ ରାଉତ ପ୍ରମୁଖଙ୍କର ପ୍ରଚ୍ଛନ୍ନ ଉଦ୍ୟମ ରହିଥିବା ବେଳେ ଅଭିଭାବକ ମାନଙ୍କ ପକ୍ଷରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

